ଆଜି - ମଙ୍ଗଳବାର
ତାରିଖ - ୧୯ ନଭେମ୍ବର ୨୦୨୪
ମାସ - ବିଛା, ଦିନ - ୦୪
ତିଥି - ଚତୁର୍ଥୀ, ପକ୍ଷ - କୃଷ୍ଣ
ନକ୍ଷତ୍ର - ଆଦ୍ରା, ମିଥୁନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୬:୦୨:୦୦
ସୂର୍ଯ୍ୟାସ୍ତ - ୫:୦୩:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


" ଅନ୍ୟମାନଙ୍କର ବିଚାରକ ହୁଅ ନାହିଁ । ନିଜେ ନିଜର ବିଚାରକ ହୁଅ, ତା' ହେଲେ ତୁମେ ସୁଖୀ ହେବ । ଅନ୍ୟମାନଙ୍କର ବିଚାରକ ହେଲେ ନିଜର ଜୀବନକୁ ତୁମେ ଜାଳି ପୋଡ଼ି ଛାରଖାର କରିଦେବ " ॥

- ମହାତ୍ମା ଗାନ୍ଧୀ


E-mail: ajikalibls@gmail.com

E-News : www.theajikali.com

Vol.- 39 ISSUE- 215 R.N.I. REGD. No. 44026/86 ବାଲେଶ୍ୱର ୧୯ ନଭେମ୍ବର ୨୦୨୪ ମଙ୍ଗଳବାର BALASORE 19 NOVEMBER 2024 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ କ୍ଷୁଧା ଓ ଦାରିଦ୍ର୍ୟ ମୁକାବିଲା ଉପରେ ଜି୨୦ ଅଧିବେଶନରେ ବିବୃତି ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରାରମ୍ଭରେ, ମୁଁ ରାଷ୍ଟ୍ରପତି ଲୁଲାଙ୍କୁ ଜି-୨୦ ଶିଖର ସମ୍ମିଳନୀର ଆୟୋଜନ ଏବଂ ତାଙ୍କର ସଫଳ ଜି-୨୦ ଅଧକ୍ଷତା ପାଇଁ କରାଯାଇଥିବା ଭବ୍ୟ ବ୍ୟବସ୍ଥା ପାଇଁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଥିବା ଜନକେନ୍ଦ୍ରୀତ ନିଷ୍ପତିକୁ ବ୍ରାଜିଲ୍ ର ଅଧକ୍ଷତା ସମୟରେ ଆଗେଇ ନିଆଯାଇଛି । ଏହା ଅତ୍ୟନ୍ତ ସନ୍ତୋଷର ବିଷୟ ଯେ ଆମେ ଏସଡିଜି ଲକ୍ଷ୍ୟକୁ ପ୍ରାଥମିକତା ଦେଇଛୁ । ଆମେ ସାମଗ୍ରିକ ବିକାଶ, ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଏବଂ ଯୁବ ଶକ୍ତି ଉପରେ ଗୁରୁତ୍ୱ ଦେଇଥିଲୁ । ଆହୁରି ଗ୍ଲୋବାଲ ସାଉଥର ଆଶା ଓ ଆକାଂକ୍ଷାକୁ ଶିଖରରେ ପହଁଚାଇଥିଲୁ । ଏହା ସ୍ପଷ୍ଟ ଯେ ଏକ ପୃଥିବୀ ଏକ ପରିବାର ଏକ ଭବିଷ୍ୟତ ପ୍ରସଙ୍ଗ ଗତ ବର୍ଷ ଭଳି ଏହି ଶିଖର ସମ୍ମିଳନୀରେ ମଧ ପ୍ରାସଙ୍ଗିକ । ପ୍ରଥମ ଅଧିବେଶନର ବିଷୟବସ୍ତୁ ସମ୍ପର୍କରେ, ମୁଁ ଭାରତର ଅନୁଭୂତି ଏବଂ ସଫଳତାର କାହାଣୀ ଆପଣମାନଙ୍କ ସମ୍ମୁଖରେ ପରିପ୍ରକାଶ କରିବାକୁ ଚାହୁଁଛି । ଗତ ୧୦ ବର୍ଷ ମଧରେ ଆମେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟ ମୁକ୍ତ କରିଛୁ ।୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଦିଆଯାଉଛି । ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ୫୫



କୋଟି ଲୋକ ଉପକୃତ ହେଉଛନ୍ତି । ଏବେ ୭୦ ବର୍ଷରୁ ଅଧିକ ବୟସ୍କ ୬କୋଟି ବରିଷ୍ଠ ନାଗରିକ ମଧ ମାଗଣା ସ୍ୱାସ୍ଥ୍ୟ ବୀମାର ଲାଭ ଉଠାଇପାରିବେ । ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣ ଉପରେ ଆମର ଧାନ ବଜାୟ ରଖି ୩୦ କୋଟିରୁ ଅଧିକ ମହିଳା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ବ୍ୟାଙ୍କ ସହିତ ଯୋଡ଼ା ଯାଇଛି ଏବଂ ଋଣ ସୁବିଧା ପ୍ରଦାନ କରାଯାଇଛି । ବିଶ୍ୱର ସର୍ବବୃହତ ଫସଲ ବୀମା ଯୋଜନା ଅଧୀନରେ ୪ କୋଟିରୁ ଅଧିକ କୃଷକ ୨ହଜାର କୋଟି ଆମେରିକୀୟ ଡଲାର ମୂଲ୍ୟର ଲାଭ ପାଇଛନ୍ତି । କୃଷକ ଯୋଜନାରେ ୧୧ କୋଟି କୃଷକଙ୍କୁ ୪ ହଜାର କୋଟି ଡଲାରରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି । କୃଷକମାନଙ୍କୁ ୩୦ ହଜାର କୋଟି ଆମେରିକୀୟ ଡଲାରର ସଂସ୍ଥାଗତ ଋଣ ଦିଆଯାଉଛି । ଭାରତ କେବଳ ଖାଦ୍ୟ ନିରାପତା ସୁନିଶ୍ଚିତ କରୁନାହିଁ ବରଂ ପୁଷ୍ଟିସାଧନ ଉପରେ ମଧ ଧାନ ଦେଉଛି । ଏକ ସମନ୍ୱିତ ପୋଷଣ ସହାୟତା କାର୍ଯ୍ୟକ୍ରମ ରୂପେ ସକ୍ଷମ ଅଙ୍ଗନୱାଡ଼ି ଏବଂ ପୋଷଣ ୨.୦ ଅଭିଯାନ ବିଶେଷ କରି ଗର୍ଭବତୀ ମହିଳା, ନବଜାତ ଶିଶୁ, ୬ ବର୍ଷରୁ କମ୍ ବୟସର ଶିଶୁ ଏବଂ କିଶୋରୀମାନଙ୍କ ପାଇଁ ପୁଷ୍ଟିସାଧନ ଉପରେ ଗୁରୁତ୍ୱ ଦେଇଥାଏ । ମଧାହ୍ନ ଭୋଜନ ଯୋଜନା ମାଧମରେ ସ୍କୁଲ ଯାଉଥିବା ପିଲାଙ୍କ ପୁଷ୍ଟିସାଧନ ଆବଶ୍ୟକତା ପ୍ରତି ବିଶେଷ ଧାନ ଦିଆଯାଉଛି । ବିଶ୍ୱ ଖାଦ୍ୟ ନିରାପତା କ୍ଷେତ୍ରରେ ମଧ ଭାରତର ଅବଦାନ ରହିଛି । ନିକଟରେ ଆମେ ମାଲାବି, ଜାମ୍ବିଆ ଏବଂ ଜିମ୍ବାୱେକୁ ମାନବିକ ସହାୟତା ପ୍ରଦାନ କରିଛୁ । ଆମର ସଫଳତାର ମୁଖ୍ୟ କାରଣ ହେଉଛି ଆମର ଆଭିମୁଖ୍ୟ: 'ମୌଳିକ ଦିଗକୁ ଫେରିବା' ଏବଂ 'ଭବିଷ୍ୟତ ଅଭିମୁଖେ ଯାତ୍ରା' । ଆମେ କେବଳ ପ୍ରାକୃତିକ କୃଷି ଏବଂ ଜୈବିକ କୃଷି ନୁହେଁ ବରଂ ନୂତନ ଜ୍ଞାନକୌଶଳ ଉପରେ ମଧ ଧାନ ଦେଉଛୁ । ଶ୍ରୀଅନ୍ନ ବା ମାଣ୍ଡିଆ ଜାତୀୟ ଶସ୍ୟକୁ ପ୍ରୋତ୍ସାହନ ଦେଇ ଦୀର୍ଘସ୍ଥାୟୀ କୃଷି, ପରିବେଶ ସୁରକ୍ଷା, ପୁଷ୍ଟିସାଧନ ଏବଂ ଖାଦ୍ୟ ନିରାପତା ଉପରେ ଆମେ ଗୁରୁତ୍ୱ ଦେଉଛୁ । ଆମେ ୨ ହଜାରରୁ ଅଧିକ ଜଳବାୟୁ ସହନଶୀଳ ଫସଲ ପ୍ରଜାତି ବିକଶିତ କରିଛୁ ଏବଂ 'ଡିଜିଟାଲ କୃଷି ମିଶନ' ଆରମ୍ଭ କରିଛୁ । ଭାରତର ଡିଜିଟାଲ ସାର୍ବଜନୀନ ଭିତିଭୂମି ସାମାଜିକ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ସକ୍ଷମ କରିଛି । ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ ପ୍ରକଳ୍ପ ସହିତ ଆମେ ସମାବେଶୀ ବିକାଶ ପାଇଁ ଏକ ନୂତନ ମଡେଲ ସୃଷ୍ଟି କରିଛୁ ଯାହା ସବୁଠାରୁ ଦୁର୍ବଳ ସଂଯୋଗକୁ ସୁଦୃଢ଼ କରିଥାଏ । ''କ୍ଷୁଧା ଏବଂ ଦାରିଦ୍ର୍ୟ ବିରୋଧରେ ବୈଶ୍ୱିକ ମେଂଟ'' ପାଇଁ ବ୍ରାଜିଲର ପଦକ୍ଷେପକୁ ଆମେ ସମର୍ଥନ କରୁଛୁ । ଖାଦ୍ୟ ନିରାପତା ପାଇଁ ଡେକାନ ଉଚ୍ଚସ୍ତରୀୟ ନୀତିର କାର୍ଯ୍ୟକାରିତା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ନୂଆଦିଲ୍ଲୀ ଶିଖର ସମ୍ମିଳନୀରେ ଗ୍ରହଣ କରାଯାଇଛି ।

## ଭାରତ- ସିଙ୍ଗାପୁର ସମ୍ପର୍କକୁ ସୁଦୃଢ଼ କରିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଛଅ ଦିନିଆ ସିଙ୍ଗାପୁର ଗସ୍ତରେ ଥିବା




ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓ ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପ୍ରଥମ ଦିନରେ ରସାୟନ, ପେଟ୍ରୋ ରସାୟନ, ଅକ୍ଷୟ ଶକ୍ତି ଓ ଦକ୍ଷତା ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟବସାୟିକ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି । ଏଥିସହ ପ୍ରମୁଖ କମ୍ପାନୀ ମର୍ଟନ, ଓରିନ୍ଦ ଓ ଭିସା ମୁଖ୍ୟଙ୍କୁ ଭେଟି ଓଡ଼ିଶାରେ ସେମାନଙ୍କୁ ନିବେଶ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିମନ୍ତ୍ରଣ ଦେଇଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ସିଙ୍ଗାପୁରର ଅଭିନବ ତଥା କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ପରିବେଶ, ପାରଦର୍ଶୀ ଭିତିଭୂମି ବ୍ୟବସ୍ଥା, ଲଜିଷ୍ଟିକ୍ସ, ସହର ପରିଚାଳନା କ୍ଷେତ୍ରରେ ଅଗ୍ରଗତିକୁ ଲକ୍ଷ୍ୟ କରି ଏହାକୁ ଓଡ଼ିଶାର ବ୍ୟାବସାୟିକ ସମ୍ମିଳନୀ (ବିଜନେସ୍ ମିଟ୍) ପାଇଁ ମନୋନୀତ କରାଯାଇଛି । ଭାରତ ଓ ସିଙ୍ଗାପୁର ମଧରେ ଦୃଢ଼ ଅର୍ଥନୈତିକ, କୂଟନୀତିଜ୍ଞ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି । ଓଡ଼ିଶା ଏହାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରିବ । ମୋ ସରକାର ବୟନ ଶିଳ୍ପ, ସାମୁଦ୍ରିକ ଖାଦ୍ୟ, ଦକ୍ଷ ମାନବ ସମ୍ବଳ କ୍ଷେତ୍ରରେ ନିବେଶକାରୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓଡ଼ିଶାର ଭୌଗୋଳିକ ସ୍ଥିତି ଏହାକୁ ଏକ ପ୍ରମୁଖ ନିବେଶ ପେଣ୍ଠସ୍ଥଳୀ କରିଛି ବୋଲି କହିଛନ୍ତି । ଗସ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିଙ୍ଗାପୁରସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଡ. ଶିଳ୍ପକେ ଆମ୍ବୁଲେ ଦୁଇ ଦେଶ ମଧରେ ଥିବା ବ୍ୟାବସାୟିକ ସମ୍ପର୍କ ନେଇ ସୂଚନା ଦେବା ସହିତ ଓଡ଼ିଶା ପରି ରାଜ୍ୟ ଏହାକୁ ଆହୁରି ସୁଦୃଢ଼ କରିବ ବୋଲି ମତ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସିଁଟି ମେଟ୍ରିକ୍ସ ପ୍ରତିଷ୍ଠାତା ଡ. ଏଡୱାର୍ଡ ମର୍ଟନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ଭେଟିଥିଲେ । ଆଇଟି / ଆଇଟିଇଏସ୍, ସେମିକଣ୍ଡକ୍ଟର, ଡାକ୍ତରୀ ଉପକରଣ ଉତ୍ପାଦନ ଏବଂ ସ୍ମାର୍ଟସିଟି ସଲ୍ୟୁସନ ସମ୍ପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସରକାର ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମର ବିକାଶ ସହିତ ବ୍ୟବସାୟ ଅନୁକୂଳ ବାତାବରଣ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀ ମର୍ଟନ ଓଡ଼ିଶା ଆସି ଏହାର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଏହାସହିତ ଭିସା ଗ୍ରୁପ୍ ଲି.ର ନିର୍ଦ୍ଦେଶକ ବିବେକ ଅଗ୍ରୱାଲଙ୍କୁ ଭେଟି ରାଜ୍ୟରେ ଇସ୍ପାତ ଓ ଫେରୋକ୍ରୋମ କ୍ଷେତ୍ରରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ ।

## ଅଳ୍ପରେ ଖବର

▸▸ କେନ୍ଦ୍ର ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ ରିଜିଜୁ ସୋମବାର ଦିନ ଆଗାମୀ ସଂସଦ ଅଧିବେଶନ ପୂର୍ବରୁ ଯୁବକମାନଙ୍କୁ ୱାନ୍ ନେଶନ, ୱାନ୍ ଇଲେକ୍ସନର ମହତ୍ୱ ବୁଝାଇଛନ୍ତି ।

▸▸ ଛତ୍ରୁରାମ ମହତୋଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ଛତ୍ରୁରାମ ମହତୋଙ୍କ ବିୟୋଗର ଦୁଃଖଦ ଖବର ମିଳିଲା ।

▸▸ ଲାଂଚ ନେବା ବେଳେ ଧରାପଡିଲେ ଡାକ୍ତର । ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଅଶୋକ ଦାସ ଜଣେ ଗର୍ଭବତୀ ମହିଳାଙ୍କ ସମ୍ପର୍କୀୟଙ୍କ ଠାରୁ ୬ ହଜାର ଟଙ୍କା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।

▸▸ କଟକ ଖାନ୍ନଗର ମଶାଣିରେ ହେବ ସମୀର ଦେ'ଙ୍କ ଶେଷକୃତ୍ୟ । ଏନେଇ ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି । ମରଶରୀରକୁ ବିଧାନସଭା ଓ ସେଠୁ ବିଜେପି ଅଫିସ ନିଆଯିବ ।



ଜି-୨୦ ଶିଖର ସମ୍ମିଳନୀରେ ଜୋ ବାଇଡେନ୍ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୌଜନ୍ୟମୂଳକ ସାକ୍ଷାତ ।



ଜି-୨୦ ଶିଖର ସମ୍ମିଳନୀରେ ମିଳିତ ଜାତିସଂଘର ସେକ୍ରେଟାରୀ ଜେନେରାଲ ମିଃ ଆଂଟୋନିଓ ଗୁଟେରେସ୍ଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା

## ମଣିପୁର ସ୍ଥିତି ସମ୍ପର୍କରେ ସମୀକ୍ଷା କଲେ କେନ୍ଦ୍ର ଗୃହମନ୍ତ୍ରୀ

ଇମ୍ଫାଲ: ଅଶାନ୍ତ ମଣିପୁର । ଲାଗି ରହିଛି ଉତେଜନା । ଜଳୁଛି ସାରା ରାଜ୍ । ଇମ୍ଫାଲରେ ବିଜେପି ବିଧାୟକ କଙ୍ଗଖାମ୍ ରବିନ୍ଦୋଙ୍କ ପୈତୃକ ବାସଭବନରେ ଶନିବାର ଉତ୍ୟକ୍ତ ଲୋକ ଆକ୍ରମଣ କରିଛନ୍ତି । ଏଥିସହ





ମନ୍ତ୍ରୀଙ୍କ ଘରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ଅନେକ ଗାଡିରେ ମଧ ନିଆଁ ଲଗାଇ ଦେଇଛନ୍ତି । ଅନ୍ୟପଟେ କୁକି ଉଗ୍ରପନ୍ଥୀଙ୍କ ଆତଙ୍କରାଜ ବିରୋଧରେ ମୈତେୟୀ ସଂପ୍ରଦାୟର ଆନ୍ଦୋଳନ ବିସ୍ଫୋରକ ରୂପ ନେଇଛି । ପୋଲିସର ସୂଚନା ଅନୁସାରେ, ରାଜ୍ୟରେ ଲାଗି ରହିଥିବା ଜାତିଗତ ହିଂସାକାଣ୍ଡକୁ ନେଇ ଉତ୍ୟେକ୍ତ ଲୋକ ବିଜେପି ବିଧାୟକଙ୍କ ଆଭିମୁଖ୍ୟ ଜାଣିବାକୁ ଚାହୁଁଥିଲେ । ମଣିପୁର ଜିରିବାମ ଜିଲ୍ଲାରେ ୩ ଜଣ ମହିଳା ଓ ୩ ଜଣ ଶିଶୁଙ୍କ ମୃତଦେହ ମିଳିବା ପରେ ରାଜ୍ୟରେ ଉତେଜନା ପ୍ରକାଶ ପାଇଛି । ଏହି ଖବର ଲୋକଙ୍କ ପାଖରେ ପହଂଚିବା ମାତ୍ରେ ଉତ୍ୟକ୍ତ ଜନତା ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଶନିବାର ରାଜ୍ୟର ୩ ଜଣ ମନ୍ତ୍ରୀ ଓ ୬ ଜଣ ବିଧାୟକଙ୍କ ଘରେ ଆକ୍ରମଣ କରିଥିଲେ ପ୍ରଦର୍ଶନକାରୀ । ଅନ୍ୟପଟେ ସମଗ୍ର ରାଜ୍ୟରେ ସଶସ୍ତ୍ର ଉଗ୍ରବାଦୀ ସଂଗଠନ ବିରୋଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଦାବି କରି ମଣିପୁରର ନାଗରିକ ସମାଜ ରାଜ୍ୟ ସରକାରଙ୍କୁ ୨୪ ଘଂଟିଆ ସମୟସୀମା ଦେଇଛନ୍ତି । ଆସନ୍ତାକାଲି ସୁଦ୍ଧା ଏ ନେଇ ନିର୍ଣ୍ଣାୟକ ପଦକ୍ଷେପ ନିଆନଗଲେ ହିଂସାତ୍ମକ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ମିଳିଥିବାରୁ ସୁରକ୍ଷା ବାହିନୀ ହାଇଆଲର୍ଟରେ ରହିଛି । ଆଜି ସିଆରପିଏଫ୍ ଡିଜି ଜରୁରୀ ମଣିପୁର ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଛନ୍ତି ଏବଂ ହିଂସାଗ୍ରସ୍ତ ଅଂଚଳରେ ସୁରକ୍ଷା କଡ଼ାକଡ଼ି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ତୀବ୍ର ଉତେଜନାପୂର୍ଣ୍ଣ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ତାଙ୍କର ମହାରାଷ୍ଟ୍ର କାର୍ଯ୍ୟକ୍ରମ ବାତିଲ୍ କରି ଦିଲ୍ଲୀ ଫେରିଛନ୍ତି ଏବଂ ମଣିପୁର ସ୍ଥିତି ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଏବଂ ଏ ବାବଦ ସମନ୍ୱୟ ସଂପର୍କରେ ସମୀକ୍ଷା କରିଛନ୍ତି । ଶାହ ବରିଷ୍ଠ ଅଧିକାରୀମାନଙ୍କ ସହ ଏକ ବୈଠକ କରିବା ପରେ ରାଜ୍ୟରେ ଶାନ୍ତି କାଏମ ରଖିବାକୁ କେତେକ ଜରୁରୀ ନିର୍ଦ୍ଦେଶ ଦେଇଛନ୍ତି । ଆଜି ମଧ ଅପରାହ୍ଣ ୧୨ଟା ବେଳେ ମଣିପୁର ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ।

## ପରଲୋକରେ ବରିଷ୍ଠ ବିଜେପି ନେତା ସମୀର ଦେ

### ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର : ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ସମୀର ଦେ'ଙ୍କର ପରଲୋକ ଘଟିଛି । ସୋମବାର ଦିନ ୨ଟା ୧୦ ମିନିଟରେ ତାଙ୍କର ଦେହାନ୍ତ ହୋଇଛି । ୬୮ ବର୍ଷ ବୟସରେ କଟକର ଏକ ଘରୋଇ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ସମୀର ଦେ । ଗତ



କିଛି ଦିନ ପୂର୍ବେ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ସେହିଭଳି କିଛି ବର୍ଷ ପୂର୍ବେ ତାଙ୍କର କିଡ୍ନୀ ପ୍ରତିରୋପଣ କରାଯାଇଥିଲା । ସିଡିଏସ୍ଥିତ ଘରୋଇ ଡାକ୍ତରଖାନାଠାରେ ଚିକିତ୍ସକମାନେ ଅକ୍ଳାନ୍ତ ପରିଶ୍ରମ ସତ୍ୱେ ତାଙ୍କ ଜୀବନ ରକ୍ଷା କରିପାରିଲେ ନାହିଁ । ସ୍ୱର୍ଗତ ଦେ'ଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ଡାକ୍ତରଖାନାରେ ପହଂଚିଛନ୍ତି । ସମୀର ଦେ' ଜଗତସିଂହପୁର ଜିଲାର ପୁନଙ୍ଗ ଗ୍ରାମର ଏକ ସମ୍ଭ୍ରାନ୍ତ ବଙ୍ଗାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ । ପରବର୍ତୀ କାଳରେ କଟକରେ ଉଚ୍ଚ ଶିକ୍ଷା ଲାଭ କରି ଆଇନଜୀବୀ ପେଶା ଗ୍ରହଣ କରିଥିଲେ । ପରବର୍ତୀ କାଳରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ଯୋଗଦେଇ ନିଜକୁ ଜଣେ ଶ୍ରେଷ୍ଠ ସେବକ ଭାବରେ ପ୍ରତିଷ୍ଠିତ କରିପାରିଥିଲେ । ଏହାପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ୧୯୯୦ ମସିହାରେ ପ୍ରଥମ ଥର ପାଇଁ ବିଜେପି ପକ୍ଷରୁ କଟକ ବିଧାନସଭା ପ୍ରାର୍ଥୀ ହୋଇଥିଲେ । ମାତ୍ର ସେ ନିର୍ବାଚନରେ ପରାସ୍ତ ହୋଇଥିଲେ । ସେହିଭଳି ୧୯୯୫ରେ ପୁଣି ଥରେ ବିଜେପି ଦଳରୁ ପ୍ରାର୍ଥୀ ହୋଇ କ୍ରମାଗତ ଭାବରେ ୩ଥର କଟକ ବିଧାନସଭାରୁ ନିର୍ବାଚିତ ହୋଇଥିଲେ । ୨୦୦୦ ମସିହାରେ ରାଜ୍ୟରେ ବିଜେପି ଓ ବିଜେଡି ମିଳିତ ଭାବରେ ସରକାର ଗଠନ ହେବାପରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଥିଲା । ୨୦୦୦ ମସିହାରେ ତାଙ୍କୁ ଶିକ୍ଷାମନ୍ତ୍ରୀ ଏବଂ ୨୦୦୫ରେ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ପଦ ମିଳିଥିଲା । ପରବର୍ତୀ ନିର୍ବାଚନରେ ସେ ଅସୁସ୍ଥ ଥିବାରୁ ବିଧାନସଭାକୁ ପ୍ରାର୍ଥୀ ହୋଇ ନ ଥିଲେ ।

## ଜାତୀୟ ଯୁବ ମହୋତ୍ସବ ୨୦୨୫ ସମ୍ପର୍କରେ ଘୋଷଣା କଲେ କେନ୍ଦ୍ର ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ

ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋମବାର କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ ଜାତୀୟ ଯୁବ ମହୋତ୍ସବ (ଏନୱାଇଏଫ) ୨୦୨୫ର ଏକ ରୂପାନ୍ତରିତ ପୁନଃକଳ୍ପନା ସମ୍ପର୍କରେ ଘୋଷଣା କରିଛନ୍ତି । ଭାରତର ଭବିଷ୍ୟତ ଗଠନରେ ଯୁବବର୍ଗଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସମର୍ଥନ କରି ଏହି ପୁନଃପରିକଳ୍ପିତ ମହୋତ୍ସବକୁ 'ବିକଶିତ ଭାରତ ଯୁବ ନେତା ବିତର୍କ' ନାମ ଦିଆଯାଇଛି । ଏହି ପ୍ରଭାବଶାଳୀ ମଂଚ ଯୁବ ଭାରତୀୟମାନଙ୍କୁ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ସେମାନଙ୍କର ବିଚାର ଏବଂ ଦୃଷ୍ଟିକୋଣକୁ ଯୋଗଦାନ କରିବାକୁ ସଶକ୍ତ କରିବ । ବିକଶିତ ଭାରତ ଯୁବ ନେତା ବିତର୍କର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ ଡ. ମନସୁଖ ମାଣ୍ଡଭୀୟ କହିଛନ୍ତି ଯେ ଏହି ଉତ୍ସବର ଉଦ୍ଦେଶ୍ୟ ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବା ଏବଂ ପ୍ରୋତ୍ସାହିତ




କରିବା ତଥା ସେମାନଙ୍କୁ ବିକଶିତ ଭାରତ ପାଇଁ ସେମାନଙ୍କର ବିଚାର ବ୍ୟକ୍ତ କରିବା ନିମନ୍ତେ ଏକ ମଂଚ ପ୍ରଦାନ କରିବା । ପ୍ରଧାନମନ୍ତ୍ରୀଙ୍କ ସହ ସିଧାସଳଖ କଥାବାର୍ତା କରିବା ଏବଂ ଭାରତର ଭବିଷ୍ୟତ ପାଇଁ ସେମାନଙ୍କ ବିଚାର ଉପସ୍ଥାପନ କରିବାର ସୁଯୋଗ ଯୁବପିଢ଼ିଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ହେବ, ଯାହା ଦ୍ୱାରା ରାଜନୀତି ଏବଂ ନାଗରିକ ଜୀବନରେ ଯୁବପିଢ଼ିଙ୍କ ସଂପୃକ୍ତି ବୃଦ୍ଧି ପାଇବ । 'କେନ୍ଦ୍ରମନ୍ତ୍ରୀ ଚଳିତ ବର୍ଷର ବିକଶିତ ଭାରତ ଯୁବ ନେତା ବିତର୍କର ମୂଳ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କହିଥିଲେ ଯେ, ଚଳିତ ବର୍ଷର ମହୋତ୍ସବ ଦୁଇଟି ପ୍ରମୁଖ ଲକ୍ଷ୍ୟକୁ ନେଇ ଅନେକ ବିଚାରବିମର୍ଶ ପରେ ଗଠିତ ହୋଇଛି । ପ୍ରଥମତଃ, ସ୍ୱାଧୀନତା ଦିବସ ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଅନୁସାରେ ରାଜନୀତିରେ ନୂଆ ଯୁବ ନେତାଙ୍କୁ ଆଣିବା, ଅଣରାଜନୈତିକ ପୃଷ୍ଠଭୂମି ଥିବା ୧ ଲକ୍ଷ ଯୁବକଙ୍କୁ ଏହି କ୍ଷେତ୍ରରେ ସାମିଲ କରିବା । ନେତୃତ୍ୱ ନେବାର ସମ୍ଭାବନା ଥିବା ଯୁବ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଏକ ବିକଶିତ ଭାରତ ପାଇଁ ବିଚାର ଓ ଦୃଷ୍ଟିକୋଣକୁ ସିଧାସଳଖ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ ପାଇଁ ଏକ ମଂଚ ପ୍ରଦାନ କରିବା ନିମନ୍ତେ ଜାତୀୟ ଯୁବ ମହୋତ୍ସବର ପରିକଳ୍ପନା କରାଯାଇଛି । ଦ୍ୱିତୀୟତଃ, ସ୍ୱଚ୍ଛ ଓ ଗଣତାନ୍ତ୍ରିକ, ଯୋଗ୍ୟତା ଭିତିକ ଚୟନ ବ୍ୟବସ୍ଥା ମାଧମରେ ଏକ ବିକଶିତ ଭାରତ ଦିଗରେ ଯୁବବର୍ଗଙ୍କ ଅର୍ଥପୂର୍ଣ୍ଣ ଅବଦାନ ସୁନିଶ୍ଚିତ କରିବା । ଭାରତର ପ୍ରଗତି ଓ ବିକାଶକୁ ଆଗକୁ ବଢ଼ାଇବା ପାଇଁ ପରବର୍ତୀ ପିଢ଼ିକୁ ସଶକ୍ତ କରିବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ଦର୍ଶାଉଛି । ଏହି ଐତିହାସିକ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଯୋଗ୍ୟ ଯୁବକଯୁବତୀଙ୍କୁ ଡ. ମାଣ୍ଡଭୀୟ ଆହ୍ୱାନ କରିବା ସହ ଏକ ବିକଶିତ ଭାରତ ଗଠନ ପାଇଁ ଯୁବ ଶକ୍ତିର ସାମର୍ଥ୍ୟକୁ ଉପଯୋଗ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

# ବାଲେଶ୍ୱର ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ସମ୍ମିଳନୀ




ବାଲେଶ୍ୱର(ନି.ପ୍ର.) ସାମ୍ବାଦିକ ମାନେ ସଜାଗ ଓ ଜାଗ୍ରତ ଥିବାରୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସୁ - ବ୍ୟବସ୍ଥିତ ହୋଇ ପାରୁଛି ବୋଲି ସରକାରି ଉପମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ ଗୁରୁତ୍ୱ ଆରୋପ କରିଛନ୍ତି । ଆଜି ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ୟୁନିଅନ ର ଦ୍ୱିବାର୍ଷିକ ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରି ଶ୍ରୀ ଦାସ କହିଲେ ଯେ, ଦେଶର ଜନତାଙ୍କ ପାଇଁ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ତାହା ସଠିକ ଭାବରେ ଲୋକଙ୍କ ପାଖରେ ପହଂଚି ପାରୁଛିକି ନାହିଁ ବା ତାର ସୁଫଳ ଲୋକେ ପାଉଛନ୍ତି କି ନାହିଁ ତାର ଦେଖିବା ଦାୟିତ୍ୱ ହେଉଛି ଗଣମାଧମର ।ଗଣମାଧମ ସାଧାରଣ ଜନତା ଓ ସରକାରଙ୍କ ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିଥାଏ ।ସେ ସେତୁ ରେ ଜନତା ଓ ସରକାର ଚାଲିଥାନ୍ତି । କୌଣସି ଠାରେ ଅବହେଳା ଦେଖା ଦେଲେ ସାମ୍ବାଦିକ ହିଁ ସ୍ୱର୍ ଉତୋଳନ କରି ସଚେତନ କରିଥାଏ ବୋଲି ସେ କହିଥିଲେ । ୟୁନିଅନ ମୁଖପତ୍ର ଆହ୍ୱାନ କୁ ଉନ୍ମୋଚନ କରି ସେ ଆହୁରି କହିଲେ ଯେ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି ।ପର୍ଯ୍ୟାୟ କ୍ରମେ ତାହାର ସମାଧାନ କରାଯିବ ବୋଲି ସେ କହିଥିଲେ । ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର,ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ, ପ୍ରେସ କ୍ଲବ ର ସଭାପତି ବିପ୍ଲବ କୁମାର ମହାନ୍ତି , ଏନୟୁଯେ ର ସଦସ୍ୟ ତଥା ଓୟୁଜେ ର ଉପସଭାପତି କିଶନ୍ ରାଉତ, ୟୁନିଅନ ର ଜାତୀୟ କାର୍ଯ୍ୟ କାରିଣୀ ସଦସ୍ୟ, ରାମନାରାୟଣ ଶତପଥୀ, ପ୍ରେସ ଇମ୍ପ୍ରେଶ କ୍ଲବ୍ ର ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର, ଇମାମୀ ପେପର୍ ମିଲ ର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ,, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ର ମୋହନ ମହାପାତ୍ର, ଲକ୍ଷ୍ମୀ ଧର ଗାଣ,ସମ୍ପାଦକ ବିବେକାନନ୍ଦ ଦାସ, ସଂଗଠନ ସମ୍ପାଦକ ତୃପ୍ତି କାନ୍ତ ପାଢ଼ୀ, ଅଜୀମ ବାଲେଶ୍ୱରୀ,ଗଗନ ସେଠୀ, ମନୋଜ କୁମାର ରାଉଳ, ଅରୂପ ଦାସ,ଉତ୍କଳବନ୍ଧୁ ପଣ୍ଡା,ପ୍ରମୁଖ ଉଦବୋଧନ ଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ମାନେ ନିଜର ପରିସୀମା ଭିତରେ ରହି କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ବିଭିନ୍ନ ସ୍ଥାନରେ ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣ ବିରୁଦ୍ଧରେ ୟୁନିଅନ ପକ୍ଷରୁ ପ୍ରତିବାଦ କରାଯିବା ସହିତ ସରକାରଙ୍କୁ ଅବଗତ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଯୋଗଦେଇଥିବା ବେଳେ ଟାଉନ ସଂଯୋଜକ ହାଇଦର ଖାନ ଧନ୍ୟବାଦ୍ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ଯଶୋଦାନନ୍ଦନ ଆଶ ଙ୍କୁ ତାଙ୍କର ଉଲ୍ଲେଖ ନୀୟ ସେବା ପାଇଁ ୟୁନିଅନ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବେସ ବଲ ଓ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଘାଟିତ




ବାଲେଶ୍ୱର(ନି.ପ୍ର.) ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆୟୋଜନରେ ୬୮ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବେସବଲ୍ ଓ ସଫ୍ଟବଲ୍ ପ୍ରତିଯୋଗିତା ଆଜି ବାଲେଶ୍ୱରର ଖ୍ରୀଷ୍ଟିଆନ ହାଇସ୍କୁଲ ପ୍ରାଙ୍ଗଣରେ ଉଦଘାଟିତ ହୋଇଯାଇଛି କ୍ଷ ଖ୍ରୀଷ୍ଟିଆନ ହାଇସ୍କୁଲ ପଡ଼ିଆ ଓ ପବ୍ଲିକ ହାଇସ୍କୁଲ ପଡ଼ିଆରେ ୧୮ରୁ ୨୧ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ କ୍ଷ ୧୭ବର୍ଷରୁ କମ ବାଳକ ଓ ବାଳିକା ଦୁଇଟି ବିଭାଗରେ ପ୍ରଥମ ଦୁଇଦିନ ବେସବଲ୍ ଓ ଶେଷ ଦୁଇଦିନ ସଫ୍ଟବଲ୍ ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି କ୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବେସବଲ ବାଳକ ବିଭାଗରେ ୬ଟି, ବାଳିକା ବିଭାଗରେ ୫ଟି ଦଳ ଅଂଶ ଗ୍ରହଣ କରିଛନ୍ତି କ୍ଷ ବାଳକ ଖେଳାଳୀ ୭୨, ବାଳିକା ଖେଳାଳୀ ୫୯, ମେନେଜର ୧୧, ଅଫିସିଆଲ ୪୦ ସମୁଦାୟ ୧୮୨ଜଣ ବେସବଲ୍ ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି କ୍ଷ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ଜ୍ୟୋତିପ୍ରସାଦ ପରିଡ଼ା, ସହ ନିର୍ଦ୍ଦେଶକ ଶାରୀରିକ ଶିକ୍ଷା, ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଯୋଗଦେଇ ବିବରଣୀ ପାଠ କରିଥିଲେ କ୍ଷ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ନୀଳଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନିଗ୍ଧା ପଣ୍ଡା, ଖଇରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଦାଧର ଦାସ, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଦାସ ଅତିଥି ଭାବରେ ଯୋଗଦେଇଥିଲେ କ୍ଷ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ କ୍ଷ ଅତିଥିମାନେ କ୍ରୀଡ଼ା ପତାକା ଉତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ ।

# ଚାଲ ଖୁସି ବାଂଟିବା କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ଜିଲ୍ଲା ରାଣୀପାଟଣା ସ୍ଥିତ ଦୃଷ୍ଟି ବାଧିତ ନିମନ୍ତେ ଉଦିଷ୍ଟ ବିଦ୍ୟାଳୟରେ ଉତ୍ତ୍ର ପକ୍ଷରୁ ଚାଲ ଖୁସି ବାଂଟିବା କାର୍ଯ୍ୟକ୍ରମ ଅୟୋଜିତ. ଟ୍ରଷ୍ଟ ର ରାଜ୍ୟ ଉପସଭାପତି ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ , ପିଲାମାନେ କେମିତି ନିଜର ସ୍ୱାସ୍ଥ୍ୟ ପ୍ରତି ନିଜେ ଯତ୍ନଶୀଳ ହେଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଦ୍ୟାଳୟର ଅଧକ୍ଷ ଦିବାକର ସ ଏହି କାର୍ଯ୍ୟକ୍ରମ ମାଧମରେ ପିଲାମାନଙ୍କୁ କେମିତି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେ ବିଷୟ ରେ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଫକିର ମୋହନ ବିଶ୍ୱବିଦ୍ୟାଳୟ ର ଅଧାପକ ଦେବଦତ ଦାସ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ. କାର୍ଯ୍ୟକ୍ରମ ମାଧମରେ ସମସ୍ତ ୟକ୍ବଙ୍କଶ୍ବସ୍ପସଭବୟଷସସ୍ପବ ଛାତ୍ରଛାତ୍ରୀ ମାନଙ୍କୁ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ର କିଟ୍ ସମେତ ମଷକ୍ଟମକ୍ଷବସ୍ପର, ହଙ୍କସମର ବ୍‌[ନ କରାଯାଇଥିଲା. ଛାତ୍ର ଛାତ୍ରୀ ମାନଙ୍କୁ ଖୁସି କରେଇବା ଉଦ୍ଦେଶ୍ୟ ନେଇ ସେମାନଙ୍କ ମଧରେ ଏବଂ କୁଇଜ ପ୍ରତିଯୋଗୀତା କରାଯାଇ ତାଙ୍କୁ ପୁରସ୍କୃତ କରା ଯାଇ ଥିଲା । ତତସହିତ ଗୀତ, ନୃତ୍ୟ ମଧ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଶାଖାର ସଭାପତି ଡଃ ଭବାନୀ ଶଙ୍କର ଜେନା ପରିଚାଳନା କରିବା ସହିତ କେମିତି ଏହି ପରି କାର୍ଯ୍ୟକ୍ରମ ମାଧମରେ ଏମିତି ଦୃଷ୍ଟି ବାଧିତ ପିଲାମାନଙ୍କୁ ଭବିଷ୍ୟତରେ ଉତ୍ସାହିତ କରାଯାଇ ସେମାନଙ୍କୁ ସମାଜରେ ପ୍ରତିଷ୍ଠିତ କରି ହେବ ସେ ବିଷୟରେ ଆଲୋକପାତ କରିଥିଲେ ।ପରିଶେଷରେ ବାଲେଶ୍ୱର ଶାଖା ଉପଦେଷ୍ଟା ଦେବଦତ ଭବଚଚବଳ ଧନ୍ୟବାଦ ଅର୍ପଣ କରିଥିଲେ. କାର୍ଯ୍ୟକ୍ରମ ଲଙ୍କ ଦେବାଶିଷ ନାୟକ, ବିଭୂତି ରଞ୍ଜନ ନାୟକ, ବିକାଶ ଶାହା, ଭବଭବହବ ପାତ୍ର, କ୍ବଙ୍କୟକ୍ବବ ରାଉଲ, ଆଶିଷ ସାମଲ, ରତି ରଞ୍ଜନ ଭୋଇ, ସୁଶ୍ରୀ ଶ୍ବଞ୍ଜସସ୍ପବ ମହାନ୍ତି , ଶ୍ବବଭଞ୍ଜବଚରର ତ୍ରିପାଠୀ, ପୂଜା ଭବଷବଳ, ଞ୍ଜବଭବଶ୍ବଷସ ମାଝୀ, ଶ୍ବଙ୍କମଷରରଶ୍ବ ବେହେରା, ଜଗଦୀଶ ସରନ ପାଲ, କୈବଲ୍ୟ ପରିଡା, ମଷସଭଞ୍ଜବଚ ସେନାପତି, ମଧୁସୁଦନ ଜେନା, ଶ୍ବଙ୍କକ୍ବଚବ ପ୍ରସାଦ ସାହୁ, କମଳ ଲୋଚନ ଦାସ, କ୍ବବହରଶ୍ବଷ ବେହେରା ,ନିଶିକାନ୍ତ, ଜସଶ୍ବଙ୍କକ୍ବବହ, ଆଦିତ୍ୟ , ପ୍ରସନ୍ନ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# 'ମସ୍ତିଷ୍କକୁ ସୁସ୍ଥ ରଖିବା ପାଇଁ ଚିନ୍ତନର ଆବଶ୍ୟକତା ରହିଛି'



ବାଲେଶ୍ୱର,(ନି.ପ୍ର.): ଶିକ୍ଷାର ଅନ୍ତ ନଥାଏ । ମାଆ ଗର୍ଭଧାରଣ ଠାରୁ ପିଲାଟିଏ ଶିକ୍ଷା ଆରମ୍ଭ କରୁଥିବା ବେଳେ ମଶାଣିକୁ ଯିବା ପରେ ପରିସମାପ୍ତି ଘଟିଥାଏ । କେବଳ ବହି ପଢ଼ିଲେ ବାସ୍ତବିକ ଶିକ୍ଷା ମିଳିନଥାଏ, ଆନୁସଙ୍ଗିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦେଲେ, ତାହା ସାମୁହିକ ଶିକ୍ଷାର ପରିବ୍ୟକ୍ତ ହୋଇଥାଏ । ଶିକ୍ଷାକୁ ଦୈନନ୍ଦିନ ଜୀବନର କାମରେ ଲଗାଇ ପାରିଲେ ଯାଇ ଏହାର ପୂର୍ଣ୍ଣାଙ୍ଗ ପ୍ରାପ୍ତି ହୋଇଥାଏ ବୋଲି 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ 'ସକାଳ' ଓ 'ନନ୍ଦିଘୋଷ ଟିଭି'ପକ୍ଷରୁ 'ବାଲେଶ୍ୱର ସକାଳ ଭବନ'ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କନିଷ୍ଠ ବିଭାଗର ବିତର୍କ ପ୍ରତିଯୋଗିତାରେ ମଂଚାସୀନ ବିଚାରକମାନେ ନିଜ ନିଜର ମତ ବ୍ୟକ୍ତ କରିଛନ୍ତି । 'ସକାଳ'ର ଉତର ଓଡ଼ିଶା ସଂସ୍କରଣ ମୁଖ୍ୟ ଅସୀମ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ବିଭାଗର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା 'ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ହୋମ୍ ୱ୍ୱାର୍କ ଆବଶ୍ୟକ କି? ଏହା ଛାତ୍ରଛାତ୍ରୀଙ୍କ ଉପରେ ବୋଝ ହେଉଛି କି?' ଉପରେ ନିଜର ମତ ରଖିବା ସହ ବିଚାରକମାନେ ମଧ୍ୟ ମତ ବ୍ୟକ୍ତ କରିଛନ୍ତି । ଗ୍ରାମାଚଂଳରୁ ବିଶ୍ୱ ଦରବାର ପର୍ଯ୍ୟନ୍ତ ଗଣମାଧ୍ୟମ ସବୁ ଲୋକଙ୍କ ପାଖକୁ ସମସ୍ତ ପ୍ରକାର ଖବର ପହଁଚାଉଛି । ଏଣୁ ପିଲାମାନେ ପ୍ରତ୍ୟେକ ଦିନ ସକାଳେ କିଛି ସମୟ ଖବରକାଗଜ ପଢ଼ିବା ସହ ତାଙ୍କର ଜ୍ଞାନକୁ ବୃଦ୍ଧି କରିବାରେ ସହାୟକ ହୋଇପାରିବ । ଏହାଛଡା ଅଭିଭାବକ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ମିଳିତ ଭାବେ ପ୍ରୟାସ କଲେ ଦେଶ ଆଗକୁ ମଧ୍ୟ ଯାଇପାରିବ । ଏପରିକି ଶିକ୍ଷା କ୍ଷେତ୍ରରେ ପିଲାମାନଙ୍କର ଆଗ୍ରହ ବୃଦ୍ଧି କରିବା ପାଇଁ ଶିକ୍ଷକ ଓ ପରିବାର ବର୍ଗ ପ୍ରୟାସ କରିବା ଉଚିତ ବୋଲି ବିଚାରକ କବୟିତ୍ରୀ କମଳିନୀ କାନ୍ତ କହିଛନ୍ତି । ଅନ୍ୟତମ ବିଚାରକ ତଥା ସୁନାମଧନ୍ୟ ଗାଳ୍ପିକ ଅଞ୍ଜନ କୁମାର ଚାନ୍ଦ କହିଛନ୍ତି ଯେ, ମସ୍ତିଷ୍କ ସୁସ୍ଥ ରଖିବା ପାଇଁ ଚିନ୍ତନର ଆବଶ୍ୟକତା ରହିଛି । ଯେପରି ପକ୍ଷୀଟିଏ ତାର ପିଲାକୁ ଉଡିବା ଶିଖାଇବା ପାଇଁ ଉପରକୁ ନେଇ ତଳକୁ ଛାଡ଼ି ଦିଏ, ଠିକ ସେହିପରି ଆଜିର ପିଲାମାନଙ୍କୁ ସ୍ୱାବଲମ୍ବୀ କରିବାରେ ନିଜ ପରିବାର ବର୍ଗ ଉଚିତ ଶିକ୍ଷା ଦେବା ଜରୁରୀ ହୋଇପଡ଼ିଛି । ଏଣୁ ପିଲାମାନେ ସ୍ରୋତର ପ୍ରତିକୂଳରେ ବଂଚିବା ଶିଖିବା ଜରୁରୀ ବୋଲି ସେ କହିଛନ୍ତି । ଏହି କନିଷ୍ଠ ବିଭାଗର ବିତର୍କ ପ୍ରତିଯୋଗିତାରେ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନତାସା ଦାସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ମହାନ୍ତି ଦ୍ୱିତୀୟ ଏବଂ ଟାଉନ ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଧାର୍ମିକା ତୁଳସୀ ରଣା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଅବସରରେ ବିତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଛି । ଏହି ସମସ୍ତ କାର୍ଯ୍ୟକ୍ରମକୁ 'ସକାଳ'ଓ 'ନନ୍ଦିଘୋଷ ଟିଭି' ପରିବାରର ରାଜକିଶୋର ବେହେରା, କଳିଙ୍ଗ କୁମାର ସାହୁ, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଧୃତିସୁନ୍ଦର ପଣ୍ଡା, ଭବାନୀ ଶଙ୍କର ବେହେରା, ରମେଶ ଚନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଛନ୍ତି ।

# ବ୍ୟାସବିହାରରେ 'ଗବେଷଣା ଓ ପ୍ରକାଶନ ଶିଳାଚାର' ପ୍ରସଙ୍ଗରେ ଅନୁଷ୍ଠିତ ହେଲା ପଂଚ ଦିବସୀୟ କର୍ମଶାଳା




ବାଲେଶ୍ୱର, (ନି.ପ୍ର.) ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୁଲ୍ୟରେ ଆଜି 'ଗବେଷଣା ଓ ପ୍ରକାଶନ ଶିଳାଚାର' ବିଷୟରେ ପାଂଚଦିନିଆ କର୍ମଶାଳା ଉଦଘାଟିତ ହୋଇଯାଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପି.ଏଚ୍.ଡି. ଗବେଷଣା ପଞ୍ଜିକରଣ ନିମିତ କୋର୍ସୱାର୍କ୍ କରୁଥିବା ଗବେଷକ ବିଦ୍ୟାର୍ଥୀମାନଙ୍କ ପାଇଁ ଏହି କର୍ମଶାଳାଟି ଉଦ୍ଦିଷ୍ଟ । ତେଣୁ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ମୋଟ ୨୧୦ ଜଣ ଗବେଷକ-ବିଦ୍ୟାର୍ଥୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି । ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତି ରୂପେ ଯୋଗ ଦେଇ ପି.ଏଚ୍.ଡି. ଏକ ଉଚ୍ଚତର ଗବେଷଣା କାର୍ଯ୍ୟ ହୋଇଥିବା ହେତୁ ଏକାନ୍ତ ଆଗ୍ରହୀ ଓ ପ୍ରକୃତ ଗବେଷଣା କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ସଂପୃକ୍ତି ଉଚିତ ବୋଲି ପ୍ରକାଶ କରିଥିଲେ । ସେହିପରି ଗବେଷଣା କାର୍ଯ୍ୟ ଓ ଏହାର ଆବଶ୍ୟକତାକୁ ଠିକ୍ ଭାବରେ ବୁଝିବା, ଅଧ୍ୟୟନ କରିବା ଏବଂ ଲେଖିବା ହିଁ ଗବେଷଣା ଶିଳାଚାର ହୋଇପାରେ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ଉଲ୍ଲେଖ କରିଥିଲେ । କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଫେସର ଶରତ କୁମାର ପାଳିତା ଏଥିରେ ଭିତି-ପ୍ରବକ୍ତା ଭାବରେ ଯୋଗଦେଇ ଗବେଷଣା ଶିଳାଚାର ବିଷୟରେ ସଂପୂର୍ଣ୍ଣ ଅବଧାରଣା ନରହିଲେ ଗୁଣାତ୍ମକ ଓ ମୂଲ୍ୟବୋଧ ଯୁକ୍ତ ଗବେଷଣା କରିବା ସମ୍ଭବପର ହୋଇପାରେ ନାହିଁ, ତେଣୁ ଉପଯୁକ୍ତ ଓ ମୌଳିକ ଗବେଷଣାକୁ ଦୃଷ୍ଟିରେ ରଖି 'ଗବେଷଣା ଓ ପ୍ରକାଶନ ଶିଳାଚାର' ପରି ବିଷୟରେ ବିଶ୍ୱବିଦ୍ୟାଳୟର ସମସ୍ତ ଗବେଷକଙ୍କୁ ସାମୂହିକ ଭାବରେ ଏହି ବିଷୟରେ ଅବଧାରଣା ପ୍ରଦାନ କରିବା ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ପ୍ରକାଶ କରିଥିଲେ । ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଏଥିରେ ଉପସ୍ଥିତ ରହି ଗବେଷଣା ଓ ପ୍ରକାଶନ ନୈତିକତା ବିଷୟରେ ବିଭିନ୍ନ ବିଭାଗର ପ୍ରବୀଣ ବିଶେଷଜ୍ଞବୃନ୍ଦ ଶିକ୍ଷାଦାନ କରିବାର ସହମତି ପ୍ରକାଶ କରିଥିବା ହେତୁ ଏହା ଗବେଷକ-ବିଦ୍ୟାର୍ଥୀ ମାନଙ୍କପାଇଁ ନିଜନିଜର ମେଧାଶକ୍ତି ବିକାଶରେ ଅତ୍ୟନ୍ତ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନୁରୂପ ଭାବରେ ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ରଣୀନ୍ଦ୍ର କୁମାର ନାୟକ ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ମତାମତ ରଖି, ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା 'ଜାତୀୟ ଶିକ୍ଷାନୀତି- ୨୦୨୦' ଏବଂ ଏଥିରେ ମୂଲ୍ୟବୋଧ ଭିତିକ ଗବେଷଣାକୁ ସର୍ବାପେକ୍ଷା ଗୁରୁତ୍ୱ ପ୍ରଦାନ କରାଯାଇ ଥିବା ହେତୁ ଗବେଷଣା ନୈତିକତା ବିଷୟରେ ଆୟୋଜିତ ଏହି କର୍ମଶାଳାଟି ଗବେଷକ-ବିଦ୍ୟାର୍ଥୀ ମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପ-ନିର୍ଦ୍ଦେଶକ ଡ଼କ୍ଟର ଦେବଦତ ଦାସ ଶେଷରେ କୃତଜ୍ଞତା ଜ୍ଞାପନ କରିଥିବାବେଳେ ଅଧାପିକା ଡ଼କ୍ଟର ରାଜଶ୍ରୀ ଦତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରକାଶ ଯୋଗ୍ୟ, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସମେତ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ, ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ, ପ୍ରଫେସର ପଙ୍କଜ କୁମାର ପାଢୀ, ଡ଼କ୍ଟର ଭାରତଭୂଷଣ ପଟ୍ଟନାୟକ, ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ ପ୍ରମୁଖଙ୍କ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ପ୍ରଫେସର ଶରତ କୁମାର ପାଳିତା, ଖଡଗପୁର ସ୍ଥିତ ଆଇଆଇଟି ର ଡ଼କ୍ଟର ହେମନ୍ତ କୁମାର ଦାସ, ଡ଼କ୍ଟର ସମୀର କୁମାର ଜଲାଲ୍, ତଥା ପ୍ରଫେସର ପ୍ରତାପ କୁମାର ମହାନ୍ତି, ଡିଡିୟୁ, ପ୍ରଫେସର ଅତନୁ କୁମାର ପତି, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପ୍ରମୁଖ ଏହି କର୍ମଶାଳାରେ ବିଷୟ-ବିଶେଷଜ୍ଞ ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୨ ତାରିଖରେ ଏହି କର୍ମଶାଳାଟି ଉଦଯାପିତ ହେବ ।

# ଡ. ହରେକୃଷ୍ଣ ମହତାବ୍ ଜୟନ୍ତୀ ପାଇଁ ପ୍ରସ୍ତୁତି

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ଠାରେ ପ୍ରତ୍ୟେକ ବର୍ଷ ଆୟୋଜିତ ହେଉଥିବା ଡ. ହରେକୃଷ୍ଣ ମହତାବ ସ୍ମୃତି କମିଟି ପକ୍ଷରୁ ଚଳିତ ବର୍ଷ ଆସନ୍ତା ୨୧ ତାରିଖ ଗୁରୁବାର ଅପରାହ୍ନ ୪ଘଟିକା ସମୟରେ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହେଉଥିବା ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି । ସ୍ମୃତି କମିଟିର ଆବାହକ ବରିଷ୍ଠ ସାମ୍ବାଦିକା ଅପର୍ଣ୍ଣା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମାଜର ଅଭୟ ଦାସ, ଆଲୋକ ବାରିକ, ଦେବବ୍ରତ ପାଣିଗ୍ରାହୀ, ବ୍ରହ୍ମାନନ୍ଦ ସ୍ୱାଇଁ, ଉବାଚକ ମହାନ୍ତି, କୁଂଜମଣି ସ୍ୱାଇଁ ପ୍ରମୁଖ ଯୋଗଦେଇ ଆସନ୍ତା ୨୧ ତାରିଖ ଜୟନ୍ତୀ ପରିପ୍ରେକ୍ଷୀରେ ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଥିଲେ ।

# ଜଳଧର ପଣ୍ଡା ଅଭିମାନରେ ଇହଧାମ ଛାଡ଼ି ଚାଲିଗଲେ

ବାଲେଶ୍ୱର(ନି.ପ୍ର.): କୁରୁଡ଼ା ଅଂଚଳର ଏକ ଚର୍ଚ୍ଚିତ ଚେହେରା ଥିଲେ ଜଳଧର ପଣ୍ଡା । ସେ ସମବାୟ ବିଭାଗରୁ ଚାକିରି ପରେ କୁରୁଡ଼ା ଅଂଚଳରେ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ । ଧଳା ପେ□ାଲୁନ୍, ଧଳା କୁରୁତା, ଧଳା ପଗଡ଼ି ତାଙ୍କୁ ପରିଚିତ କରିଥିଲା । ସେ ଜଣେ ପରୋପକାରୀ, ଆସୁକବି, ସଂଗଠନପ୍ରେମୀ ଥିଲେ । ପରକୁ ଆପଣାର କରିବାର ବହୁ ସୁଗୁଣ ଥିଲା ତାଙ୍କର । ଏପରିକି ୧୮୬ ଜଣଙ୍କର ଏକାଦଶାହରେ ସେ ସ୍ମୃତିସଭା ସଂଗଠିତ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ ।ଆଜି ସକାଳ ୭ଟା ସମୟରେ ୮୫ ବର୍ଷ ବୟସରେ ପୁରୁଣା ତାମୁଲିଆ ରେଳଫାଟକ ନିକଟ ରେଳଧାରଣାରେ ସେ ନିଜକୁ ବିସର୍ଜନ କରି ଇହଧାମ ଛାଡ଼ିଛନ୍ତି । ଖବର ପ୍ରଚାରିତ ହେବା ମାତ୍ରେ ଲୋକ ତାଙ୍କ ସାଇକେଲ୍, ମୃତ୍ୟୁକାଳୀନ ଲେଖାକାଗଜ ଛାଡ଼ି ଯାଇଥିବାର ଆଲୋଚିତ ହେଉଛି । ମୃତ୍ୟୁ ଖବର ପାଇ ରେମୁଣା ବ୍ଲକ୍ ଅଧକ୍ଷ ରାଜେନ୍ଦ୍ର ରାଉତ, ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଆନ୍ଦୋଳନର ଜିଲ୍ଲା ସଭାପତି ନିରଞ୍ଜନ ପରିଡ଼ା, ରବି ପାଣିଗ୍ରାହୀ, ତାଙ୍କ ସହ ସବୁବେଳେ ମିଶୁଥିବା ଡ. କେଶବ ଚରଣ ପଣ୍ଡା, ଡ. ଅଭିମନ୍ୟୁ କାନୁନ୍‌ଗୋ, କୁରୁଡ଼ା ସରପ□ ତାପସ ପାଣିଗ୍ରାହୀ, ପୂର୍ବତନ ସରପ□ କା□ିକ ଗିରି, ଉଷାରାଣୀ ପଢ଼ିଆରୀ ପ୍ରମୁଖ ରେଳଧାରଣା ପାଖରେ ପହ□ିଥିଲେ । ପ୍ରଶାସନ ତରଫରୁ ଖଣ୍ଡ ବିଖଣ୍ଡିତ ମର ଶରୀରକୁ ବ୍ୟବଚ୍ଛେଦ ପାଇଁ ସଦର ହସପିଟାଲକୁ ନିଆଯାଇଥିଲା । ସମସ୍ତଙ୍କ ମୁଖରେ 'ଜଳଧର ପଣ୍ଡା ଅଭିମାନରେ ଆମକୁ ଛାଡ଼ି ଚାଲିଗଲେ' ବୋଲି ଆଲୋଚିତ ହେଉଛି । ତାଙ୍କର ବିଧବା ପତ୍ନୀ, ୨ ପୁଅ, ବୋହୂ ଓ ଜଣେ ଝିଅ ଅଛନ୍ତି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅ□ଳ ଏବଂ ବାଲେଶ୍ୱର ସହରର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ପିଲାମାନଙ୍କର ପ୍ରତିଭା ଅନ୍ୱେଷଣ ପାଇଁ 'ଧୂଲ୍ କେ ଫୁଲ୍' ନାମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା




ବାଲେଶ୍ୱର(ନି.ପ୍ର.) ରେମୁଣାସ୍ଥିତ ନୋସି ପାର୍କରେ ଗତକାଲି 'ଧୂଲ୍ କେ ଫୁଲ୍-୨୦୨୪' କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇଯାଇଛି । ସହରର ବସ୍ତି ଅଂଚଳରେ ବସବାସ କରୁଥିବା କୁନିକୁନି ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ସାଉଁଟି, ସେମାନଙ୍କର ଗୁଣାତ୍ମକ ବିକାଶ ନିମନ୍ତେ 'ଧୂଲ୍ କେ ଫୁଲ୍'ର ଜନ୍ମ । ଆମ ସମାଜରେ ସାଧାରଣତଃ ଆର୍ଥିକ ଓ ସାମଜିକ ଅନଗ୍ରସର ଶ୍ରେଣୀର ପରିବାରର ପିଲାମାନେ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଆବଶ୍ୟକୀୟ ସାଧନ ଓ ସୁଯୋଗ ପାଆନ୍ତି ନାହିଁ । କିନ୍ତୁ ଯେହେତୁ ବସ୍ତି ସହରର ଅବିଚ୍ଛେଦ୍ୟ ଅଙ୍ଗ, ସେମାନେ ସମ୍ମାନର ସହ ବଂଚିବା ଓ ଆଗକୁ ବଢିବା ନିତ୍ୟାନ୍ତ ଜରୁରୀ । କୋଠାବାଡି ନିର୍ମାଣଠୁ ଆରମ୍ଭ କରି ଆମ ଘରର କାମ କାର୍ଯ୍ୟରେ ସହଯୋଗ, ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଠାରୁ ଆରମ୍ଭ କରି ରିକ୍ସା ଚାଳକ ପର୍ଯ୍ୟନ୍ତ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ସ?ହଯୋଗ କରନ୍ତି । ସେମାନଙ୍କ ପିଲାମାନଙ୍କର ପିଲାଦିନ ଯେମିତି ସରସ ସୁନ୍ଦର ଓ ମଧୁମୟ କରା ଯାଇପାରିବ, ଏହା ଆମ ସମସ୍ତଙ୍କର ଏକ ନୈତିକ ଦାୟିତ୍ୱ । ଏହି କାର୍ଯ୍ୟକ୍ରମରେ ନୃତ୍ୟ, ସଂଗୀତ ଏବଂ ଚିତ୍ରାଙ୍କନ କ୍ଷେତ୍ରରେ ରୁଚି ରଖୁଥିବା ୫ରୁ ୧୬ ବର୍ଷ ବୟସର ଶିଶୁ ପ୍ରତିଭାମାନଙ୍କର ପ୍ରତିଯୋଗିତା କରା ଯାଇଥିଲା । ଏଥିରେ ସହରର ବସ୍ତି ଅଂଚଳର କିଛି ଶିଶୁ ପ୍ରତିଭା ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ମାଧମରେ ଅନେକ ଶିଶୁ ନିଜର ପ୍ରତିଭାକୁ ଲୋକ ଲୋଚନକୁ ଆଣି ପାରିଛନ୍ତି । ସେମାନଙ୍କୁ ପ୍ରଶଂସା କରିବା ସହିତ ପୁରସ୍କାର ବ୍‌[ନ କରାଯାଇଥିଲା । ଏଥିରେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । 'ଧୂଲ୍ କେ ଫୁଲ୍' ଏବଂ 'ଯୁବ ବିକାଶ'ର ମୁଖ୍ୟ ଶ୍ରୀ ଗୋବିନ୍ଦ ବଲ୍ଲଭ ଦଳାଇଙ୍କ ଆବାହକତ୍ୱରେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ଅଭୟ ଦାସ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଅବସର ପ୍ରାପ୍ତ ଜୀବନବୀମା ଅଫିସର୍ ଦିବାକର ମହାପାତ୍ର, ଚିତ୍ରଶିଳ୍ପୀ କେଶୁ ଦାସ, ସମାଜସେବୀ ବିଜୟ ଦାସ ଅଧିକାରୀ, କାର୍ଯ୍ୟକ୍ରମର ସଂଯୋଜକ ପ୍ରଶାନ୍ତ ପଟେଲ, ଅଶୋକ ଦାସ, ଅସିତ ଦଳାଇ, ସୁବାସ ଖୁଁଆ, ସତ୍ୟଜିତ୍ ବ୍ରହ୍ମା, ଦେବେନ୍ଦ୍ର କୁମାର ରାଉଳ, ଜଗତ ଜ୍ୟୋତି ମହାନ୍ତି, ସସ୍ମିତ ଖୁଁଆ, ଧରଣୀଧର ମଦୁଲି ପ୍ରଭୃତି ଅନେକେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ । ଆଗାମୀ ଦିନରେ ଆଖପାଖରେ ଥିବା ଏହି ପ୍ରତିଭାମାନଙ୍କୁ ସାମ୍ନାକୁ ଆଣି ଏହି ଅଭିନବ ଅଭିଯାନରେ ସହଯୋଗ କରିବା ପାଇଁ ଅତିଥି ମାନେ ଆହ୍ୱାନ କରିଥିଲେ ।

# ସାଆନ୍ତାରେ ନଗର ସଂକୀର୍ତନ ଉଦ୍‌ଯାପିତ

ବାଲେଶ୍ୱର(ନି.ପ୍ର.) ସେରଗଡ଼ ସାଆନ୍ତାରେ ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ପବିତ୍ର କାର୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଆୟୋଜିତ ନଗର ସଂକୀର୍ତନ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ପୂର୍ଣ୍ଣମୀ ଦିନରେ ପ୍ରସାଦ ବଂଟନ କାର୍ଯ୍ୟକ୍ରମ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, କୀର୍ତନ, ନାମସଂକୀର୍ତନ ଇତ୍ୟାଦି ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କାହ୍ନୁ ଚରଣ ନନ୍ଦୀ, ମିନାକ୍ଷୀ ନନ୍ଦୀ, ସ୍ନେହଲତା ନନ୍ଦୀ, କୁନ୍ତୀ ମଲ୍ଲିକ, ଉମେଶ ଚନ୍ଦ୍ର ସାହୁ, ଲଳିତା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ‘ଶ୍ରମବୀର ପ୍ୟାଲେସ’ ଉଦ୍‌ଘାଟିତ

ଅନୁଗୋଳ(ନିପ୍ର): ହରିୟାଣା କୁରୁକ୍ଷେତ୍ରର ତିନି ଥରର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ, ଜେଏସପିର ଅନୁଗୁଳ ୟୁନିଟରେ ‘ଶ୍ରମବୀର ପ୍ୟାଲେସ’ର ଉଦଘାଟନ କରିଛନ୍ତି । ଏହି ଶ୍ରମବୀର ପ୍ୟାଲେସ ତଥା ଶୀତତାପ ନିୟନ୍ତ୍ରିତ ଆବାସରେ ୧୦୫୬ଟି ଶଯ୍ୟା ରହିଛି, ଯେଉଁଠାରେ ଶ୍ରମିକମାନଙ୍କ ରହିବା ପାଇଁ ବିଶ୍ୱ ସ୍ତରୀୟ ସୁବିଧା ସୁଯୋଗ ରହିଛି । ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ କର୍ମଜୀବୀଙ୍କ ପ୍ରତି ଜେଏସପିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଏହି ଶ୍ରମବୀର ପ୍ୟାଲେସ ଅତି ସୁଚିନ୍ତିତ ଭାବରେ ଡିଜାଇନ୍ ହୋଇଛି, ଯେଉଁଥିରେ ବ୍ରାଣ୍ଡେଡ୍ ଗଦା, ଆଲମିରା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି । ଯାହା କର୍ମଜୀବୀଙ୍କୁ ଉପଯୁକ୍ତ ଆରାମ ଏବଂ ସୁବିଧା ଯୋଗାଇ ଦେଇପାରିବ । ସେହିପରି ଏହି ସୁବିଧା ଶ୍ରମିକମାନଙ୍କ ପାଇଁ ଏକ ସନ୍ତୁଳିତ ଏବଂ ଆରାମଦାୟକ ପରିବେଶ ସୁନିଶ୍ଚିତ କରିବ । ଶ୍ରମିକମାନଙ୍କର ଆବଶ୍ୟକ ଆରାମକୁ ଦୃଷ୍ଟିରେ ରଖି ଏହି ଆବାସକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି । ଉଦଘାଟନୀ ଉତ୍ସବରେ ଶ୍ରୀ ନବୀନ ଜିନ୍ଦଲ କହିଛନ୍ତି, “ଆମ ପାଇଁ ପ୍ରତ୍ୟେକ ଶ୍ରମିକଙ୍କ ସୁରକ୍ଷା, ଉତ୍ତମ ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଏବଂ ଆରାମ ହେଉଛି ପ୍ରାଥମିକତା । ଆମେ କ୍ରମାଗତ ଭାବରେ ଆମ କମ୍ପାନୀର ଅଭିବୃଦ୍ଧି ତଥା ଉନ୍ନତି ପାଇଁ ପ୍ରୟାସ କରୁଥିବା ସମସ୍ତ ମାନବସମ୍ବଳର ସୁସ୍ଥତାକୁ ସୁନିଶ୍ଚିତ କରୁଛୁ ଏବଂ ନିଜକୁ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗ କରୁଛୁ । ‘ନବୀନ ଜିନ୍ଦଲ କହିଛନ୍ତି, “ମୁଁ ଆଶା କରୁଛି, ଯେଉଁମାନେ ରାଷ୍ଟ୍ର ନିର୍ମାଣର ବଡ଼ କାରଣ ପାଇଁ ନିଜର ଶ୍ରମ ଓ ଦକ୍ଷତାକୁ ବିନିଯୋଗ କରୁଛନ୍ତି, ସେହି କର୍ମଜୀବୀଙ୍କ ପାଇଁ ଏହି ସୁବିଧା, ସକାରାତ୍ମକ ପରିବେଶ ସହ ଉତ୍ତମ ଜୀବନ ବଂଚିବାର ସୁଯୋଗ ସୃଷ୍ଟି କରିବ‘ଶ୍ରମବୀର ପ୍ୟାଲେସ’ର ଉଦଘାଟନ କରିବା ପରେ ନବୀନ ଜିନ୍ଦଲ ବ୍ୟକ୍ତିଗତ ଭାବରେ ଗଦା, ଶଯ୍ୟା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁବିଧା ସୁଯୋଗର ଗୁଣବତା ଯାଂଚ କରିଥିଲେ ।

# ସାଙ୍କେତିକ ଭାଷା ଉପରେ ପାଂଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କେନ୍ଦୁଝର(ନିପ୍ର): କେନ୍ଦୁଝରର ସିଦ୍ଧମଠ ସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ପରିସରରେ ଭାରତୀୟ ସାଙ୍କେତିକ ଭାଷା ଉପରେ ଏକ ପାଂଚ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଠାରୁ ଆରମ୍ଭ ହୋଇଛି । ଏହାର ଶୀର୍ଷକ ରଖାଯାଇଛି ‘ସଙ୍କେତ-ମୋ ଭାଷା’ । ବଧିର ଓ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ, ବଧିର ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ମାନଙ୍କୁ ସାଙ୍କେତିକ ଭାଷା ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଅଛି । ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ବାକ୍ ଓ ଶ୍ରବଣ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଲି ୟାବରଜଙ୍ଗ ଜାତୀୟ ଅନୁଷ୍ଠାନ ଏବଂ ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନର ମିଳିତ ସହଯୋଗରେ ଆୟୋଜିତ ହୋଇଛି । ଓଡ଼ିଶାର ୫୪ଟି ସ୍ୱତନ୍ତ୍ର ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ଯେଉଁଥିରେ ୮ ହଜାର ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରାଯିବାର ଲକ୍ଷ୍ୟ ରଖାଯାଇଛି । ମନୋଜ ମଞ୍ଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସଙ୍ଗେସଙ୍ଗେ ଏହି ପ୍ରଶିକ୍ଷଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ କେଶରୀ ସାମନ୍ତରାୟ ଯୋଗଦେଇ ଏହି ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିବା ସହିତ ଏହାର ସଫଳତା କାମନା କରିଥିଲେ । ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନର ନିର୍ଦ୍ଦେଶକ ଏ. ପ୍ରକାଶ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ଅଲି ୟାବରଜଙ୍ଗ ଜାତୀୟ ଅନୁଷ୍ଠାନ ତରଫରୁ ଇପସା ମହାପାତ୍ର, ଦିପ୍ତିମୟୀ ସେଠୀ, ଅଭିଲିପସା ପ୍ରଧାନ, ସୁନୀତା ପରିଡ଼ା, ମୌସୁମୀ ପ୍ରିୟଦର୍ଶିନୀ ଏବଂ ଶୁଭଶ୍ରୀ ଦାସ ପ୍ରଶିକ୍ଷକଭାବରେ ଯୋଗଦେଇ ତାଲିମ୍ ପ୍ରଦାନ କରୁଛନ୍ତି । ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ରଥ ଓ ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତ ଚରଣ ସାହୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି ।

# ବକେୟା ଜମାରାଶିକୁ ନେଇ ଧାରଣା ପ୍ରଦର୍ଶନୀ



ଅନୁଗୋଳ(ନିପ୍ର): ଭରତପୁର କ୍ଷେତ୍ରରେ ତଥା ମହାନଦୀ କୋଇଲା କମ୍ପାନୀରେ କାର୍ଯ୍ୟରତ କୋଇଲା ଖଣି ଶ୍ରମିକ ମାନଙ୍କର ଭବିଷ୍ୟ ନିଧି ଜମାରାଶିର (CMPF) ହିସାବ କର୍ମଚାରୀ ମାନଙ୍କର ଦୀର୍ଘ ବର୍ଷ ହେବ ଭରତପୁର ପ୍ରବନ୍ଧନ ଜଣାଇବାକୁ ଅସମର୍ଥ ପ୍ରତିବାଦରେ INTUC ସହବନ୍ଧିତ OCMS ଶ୍ରମିକ ସଂଘ ତା ୧୬.୧୧. ୨୦୨୪ ରିଖ ସକାଳ ଘ ୯:୩୦ ଟିକା ସମୟରେ ଏକ ଗଣ ଧାରଣା ଦେଇଥିଲା । ଏଥିରେ ସତାଧିକ କର୍ମଚାରୀ ସାମିଲ ହୋଇ ଭାରତପୁର ପ୍ରବନ୍ଧନ ବିରୋଧରେ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ । ଦୁଇ ମାସ ପୂର୍ବେ ଏହି ଶ୍ରମିକ ସଂଘ CMPF ଏବଂ ଭାରତପୁର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାପାଇଁ ବିଜ୍ଞପ୍ତି ଜାରି କରିଥିଲା । ଫଳରେ ଭରତପୁର ଅଫିସର କ୍ଲବରେ ଏକ ତ୍ରିପାକ୍ଷିକ ବୈଠକ ଭାରତପୁର ପ୍ରବନ୍ଧନ ଆୟୋଜନ କରିଥିଲେ ଏବଂ ସର୍ବ ସମ୍ମତି କ୍ରମେ ନଭେମ୍ବର ପହିଲା ସୁଦ୍ଧା ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକ ମାନଙ୍କର ଜମାରାଶି OFFLINE ଏବଂ ONLINE ମାଧ୍ୟମରେ ଜଣାଅଯିବା ପାଇଁ CMPF ଏବଂ ଭରତପୁର ପ୍ରବନ୍ଧନ ରାଜି ହୋଇଥିଲେ । ଦୁଇ ମାସରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିବାରୁ OCMS ଶ୍ରମିକ ସଂଘ ଧାରଣାରେ ବସିବାକୁ ନିଷ୍ପତି ନେଇଥିଲେ ବୋଲି ଶ୍ରମିକ ନେତା ଶ୍ରୀ ଛବିନ୍ଦ୍ର ଖିଲାର ତାଙ୍କର ବାୟାନ ଦେଇଛନ୍ତି । ଏଇ ଜମାରାଶି କର୍ମଚାରୀ ମାନଙ୍କୁ ୨୦୧୭ ମସିହା ପର ଠାରୁ ଜାଣିବା ପାଇଁ ଦୂରରେ ରଖାଯାଇଛି । ଏବେ କିଛି ହାତ ଗଣତି କର୍ମଚାରୀ ମାନଙ୍କର online uptodat କରାଯାଇଛି ବୋଲି ପ୍ରବନ୍ଧନ ସଫେଇ ଦେଉଥିଲେ ତାହାର କୌଣସି ସତ୍ୟତା ନାହିଁ ବୋଲି କର୍ମଚାରୀମାନେ ଅଭିଯୋଗ କରୁଛନ୍ତି । ଦାବିମୁତାବକ CMPF ଖାତା ସହିତ ONLINE ସହିତ ସାମସ୍ୟ ୨୦୧୭ ଥାଇ ଦେଖାଇବା ପାଇଁ ଶ୍ରମିକ ମହଲରେ ଦାବିରଖି ଏହି ଧାରଣା ପ୍ରଦର୍ଶନ କରାଯାଇଛି ଆଗାମି ଦିନରେ ଏହା ସମ୍ପୂର୍ଣ୍ଣ ନହେଲେ ବ୍ୟାପକ ରୂପରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ଶ୍ରୀ ଖିଲାର ବୟାନ ଦେଇଛନ୍ତି ।

# ଭିଜିଲାନ୍ସ ଜାଲରେ ଡାକ୍ତର



ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଗାଇନିକ୍ ସ୍ପେଶାଲିଷ୍ଟ ଡାକ୍ତର ଅଶୋକ ଦାସ ଗର୍ଭବତୀ ମହିଳାଙ୍କ ଠାରୁ ୬ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ପଞ୍ଜାରେ । ମେଡିକାଲ ସମେତ ସରକାରୀ କ୍ୱାଟର ରେ ଭିଜିଲାନ୍ସ ବିଭାଗର ଚଢ଼ାଉ । ସୂଚନା ଅନୁଯାୟୀ ସଦର ଥାନା ଅନ୍ତର୍ଗତ ମାଡିଙ୍ଗ ପଦର ଗାଁର ଗର୍ଭବତୀ ଲକ୍ଷ୍ମୀ ପ୍ରିୟା ମାଝୀଙ୍କ ଅସ୍ତ୍ରୋପଚାର କରିବା ନାଁରେ ତାଙ୍କ ସ୍ୱାମୀ ଲୋକେଶ ମାଝୀଙ୍କ ଠାରୁ ୬ ହଜାର ଟଙ୍କା ଲାଂଚ ମାଗି ଥିଲେ । ଏନେଇ ଲୋକଶ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଯୋଜନାବଦ୍ଧ ଭାବରେ, ଡାକ୍ତର ଅଶୋକ ଦାସ ୬ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଯୋଜନା ମୁତାବକ ଭିଜିଲାନ୍ସ ବିଭାଗ ଚଢାଇ କାର ଡାକ୍ତରଙ୍କ ଠାରୁ ରଙ୍ଗବୋଲା ଟଙ୍କା ଜବତ କରିଥିବା ବେଳେ ବର୍ତମାନ ଡାକ୍ତରଙ୍କ ସରକାରୀ କ୍ୱାଟର ରେ ଭିଜିଲାନ୍ସ ବିଭାଗର ଚଢାଉ ବେଳେ ବର୍ତମାନ ସୁଦ୍ଧା ଆହୁରି ୯୬ ହଜାର ୯ ସହ ୫୦ ଟଙ୍କା ଜବତ କରାଯାଇ ଥିବା ବେଳେ ଡ଼ାକ୍ତରଙ୍କ ନୟାଗଡ଼ ଠାରେ ଥିଲା ପୈତୃକ ବାସଭବନ ରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଡାକ୍ତରଙ୍କୁ ଗିରଫ କରିଛି ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ଚାଲିଥିବା ନେଇ ଭିଜଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠିକୁ ମିଳିମିଶି କରିଛନ୍ତି ହରି ଲୁଟ !

ଦାନଗଦି(ନିପ୍ର): ଯାଜପୁର ଜିଲ୍ଲା ରେ ଥିବା ଜିଲ୍ଲା ଖଣିଜ ପାଣ୍ଠି କୁ ପୂର୍ବରୁ ଥିବା ସରକାରଙ୍କ ସୁକିନ୍ଦା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରିତିରଞ୍ଜନ ଓ ତାଙ୍କର ଚେଲା ଚାମୁଣ୍ଡା ମାନେ ଖୁଲମଖୁଲା ହରି ଲୁଟ କରିଛନ୍ତି । ଏହି ହରି ଲୁଟ୍‌ର ମୁଖ୍ୟ ତଥା ଯୋଗାଡିଆ ଭାବରେ କାର୍ଯ୍ୟ କରୁଥିଲେ ବିଜେଡି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବ ସଭାପତି ପ୍ରଦିପ ମହାନ୍ତି । ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ବିଜେଡି ସରକାର ସମୟରେ ଯେତେ ସବୁ ପ୍ରକଳ୍ପ ହୋଇଛି ସବୁ ପ୍ରକଳ୍ପ ନିମ୍ନ ମାନର ଯାହାର ଜଳନ୍ତା ଉଦାହରଣ ରଣା ଗୁଣ୍ଡି ପଂଚାୟତ ର ନିର୍ମାଣ ହେଉଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଯେଉଁ ଠାରେ ସମସ୍ତ କାର୍ଯ୍ୟ ନିମ୍ନ ମାନର ହେଉଛି । ମାତ୍ର ପୂର୍ତ ବିଭାଗର ନିରବ ଦ୍ରଷ୍ଟା ସାଜିଥିବା ଯୋଗୁଁ ପୂର୍ତ ବିଭାଗ କାର୍ଯ୍ୟସଇଲି କୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ସ୍ପୋର୍ଟ୍ସ କମ୍ପ୍ଲେକ୍ସ ହେଉଥିବା ଢଳେଇ ରେ ମାନ ଅନୁସାରେ ବାଲି, ଗୋଡ଼ି ନମିଶାଇ ହାତରେ ମିଶାଇ ଢଳେଇ କରୁଥିବା ଦେଖିବାକୁ ମିଳିଛି । ଠିକ୍ ସେହିପରି ଲୁହା ରଡ଼ରେ ନିୟମ ଅନୁସାରେ ରିଙ୍ଗ,ବାଇଣ୍ଡର, ସବୁ ନିୟମ ଅନୁସାରେ ନଦେଇ କାର୍ଯ୍ୟ କରୁଛନ୍ତି । କାରଖାନାର ବର୍ଯ୍ୟବସ୍ତୁ ପକାଇ ପ୍ଲିଂଟି କୁ ବୁଜୁ ଥିବା ବେଳେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଚାରି ପାଖରେ ଚାଷ ଜମି ରହିଛି । କିପରି ପ୍ରଦୂଷଣ ବିଭାଗ ଏହି କାର୍ଯ୍ୟ କୁ ବିରୋଧ କରିନାହାନ୍ତି । ତାହା ବଡ଼ ?ପ୍ରଶ୍ନବାଚି ସୃଷ୍ଟି ହେଉଛି । ସବୁ ଠାରୁ ବଡ଼କଥା ଯେଉଁ ଦିନ ଶୁଭ ପଡିଥିଲା ସେହି ଦିନ ପୂର୍ତ ବିଭାଗ ମୁଖ୍ୟମନ୍ତ୍ରୀ ପୂର୍ବତନ ମନ୍ତ୍ରୀ ଙ୍କୁ ଅବଗତ କରାଇଥିଲେ କି ଏହି ପ୍ରକଳ୍ପଟିର କାର୍ଯ୍ୟାଦେଶ ସରିଯାଇଛି । ବିନା କାର୍ଯ୍ୟାଦେଶ ରେ କିପରି ଜଣେ ରାଜ୍ୟର ମନ୍ତ୍ରୀ ପ୍ରକଳ୍ପ କୁ ପିତା କାଟି ନିଜର ପ୍ରତିକ୍ରିୟାରେ ୧୦ ମାସରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପାଇଁ ପ୍ରତିକ୍ରିୟା ରଖିଛନ୍ତି । ନା ନିର୍ବାଚନ ଆସୁଥିବା ଯୋଗୁଁ ଲୋକମାନଙ୍କୁ ଭୂଆଁ ବୁଲେଇବା ପାଇଁ ଏହା ଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି । ୨୦୨୪ ମସିହା ଫେବୃଆରୀ ମାସରେ ଭିତିପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ବର୍ତମାନ ସୁଧା ପ୍ରକଳ୍ପଟି ଭୂଇଁ ରୁ ଉଠିପାରିନାହିଁ । ତେଣୁ ଏହି କାର୍ଯ୍ୟ ରେ ସଂପୃକ୍ତ ଥିବା ସରକାରୀ ଓ ବେସରକାରୀ ବ୍ୟକ୍ତି ବିଶେଷଙ୍କୁ ତଦନ୍ତ ପରିସର ଭୁକ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂତନ ସରକାର ପୂର୍ବ ସରକାରଙ୍କ ଚହିତା ଠିକା ସଂସ୍ଥା ର ମନମାନି ଯୋଗୁ ରାଜ୍ୟ ରେ ଏକାଧିକ ୫ଟି ସ୍କୁଲ ଓ ଅନ୍ୟାନ୍ୟ କାର୍ଯ୍ୟ କମ୍ ଦିନ ମଧ୍ୟରେ ଖରାପ ହୋଇଥିବା ବୋହୁ ଖବର ଶୁଣିବାକୁ ମିଳେ । ଯାହାର ନାମ ଏଚ୍.ଏସ.ସି.ଏଲ ଠିକା ସଂସ୍ଥା ଯାହାର କାମକୁ କୌଣସି ସରକାରୀ ଅଧିକାରୀମାନଙ୍କ ଆସିବା ମନା ବୋଲି ସାଧାରଣରେ ଚର୍ଚ୍ଚା ହୁଏ ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି




ବୋରିଗୁମ୍ମା(ନିପ୍ର): ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଡ଼ିଓ ସନ୍ଧ୍ୟା ସମରଥଙ୍କ ସଭାପତିତ୍ୱ ରେ ଆୟୋଜିତ ମିଳିତ ଅଭିଯୋଗ ଜନ ଶୁଣାଣୀ ରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲାପାଳ ଭି. କୀର୍ତି ଭାସନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସପି ରାକେଶ ବର୍ମା ଯୋଗ ଦେଇଥିଲେ । ଜିଲ୍ଲାପାଳ ମୋଟ ୪୦ ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୧୩ ଟି ଅଭିଯୋଗ ବ୍ୟକ୍ତିଗତ ହୋଇଥିବା ବେଳେ ୨୭ ଟି ସାମୁହିକ ଅଭିଯୋଗ ରହିଥିଲା । କୁମୁଲି ଗ୍ରାମର ପ୍ରତାପ ହୋତା ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ତୃପ୍ତି ଦାସ ନାଁରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଶ୍ରୀ ହୋତା ହରଦଳି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ତରଫରୁ ଏକ ଗୃହ ନିର୍ମାଣ କରିଥିଲେ । ଗୃହ ନିର୍ମାଣ ହେବାର ତିନି ବର୍ଷ ପରେ ବି ତାଙ୍କୁ କନିଷ୍ଠ ଯନ୍ତ୍ରୀ ତୃପ୍ତି ଦାସ ଟଙ୍କା ଦେଇ ନଥିବା ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି । ଏଥିସହ କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ଦାସ ଭେଣ୍ଡର ଠାରୁ ତାଙ୍କ ଗୃହ ନିର୍ମାଣ ଅର୍ଥ ପ୍ରାୟ ୧୪ ଲକ୍ଷ ଟଙ୍କା ଉଠାଇ ଛୁ ମାରିଥିବା କହିଛନ୍ତି । ଜିଲ୍ଲାପାଳ ଏହି ଅଭିଯୋଗ ର ଶୁଣାଣୀ କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ତେଲେଙ୍ଗିରି ଡ୍ୟାମ ରୁ ପାଣି ଲିକ ଯୋଗୁଁ କିଛି ଦିନ ମଧ୍ୟରେ ଜଳ ଭଣ୍ଡାର ଖାଲି ହୋଇଯିବ । ପୋଡାପଦର ଗ୍ରାମର ଚାଷୀ ଚିତ୍ରସେନ ମିଶ୍ର ଙ୍କ ନେତୃତ୍ୱରେ କିଛି ଚାଷୀ ଆସି ଜିଲ୍ଲାପାଳ ଙ୍କୁ ପଦକ୍ଷେପ ନେବାକୁ କହିଛନ୍ତି । ଏଥିସହ ପୂର୍ବ ସରକାର ସମୟରେ ବୋରିଗୁମ୍ମା ବ୍ଲକ ର ପ୍ରାୟ ୧୫୦ ଗୋଟି ମନ୍ଦିର, ମସଜିଦ ଓ ଚର୍ଚ୍ଚ ନିମନ୍ତେ ଉନ୍ନତି କରଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ କୋ ?ଣସି ଧର୍ମାନୁଷ୍ଠାନ ର ଉନ୍ନତି କରଣ ହୋଇନାହିଁ ବୋଲି ଚିତ୍ରସେନ ମିଶ୍ର ଅଭିଯୋଗ କରିଥିଲେ । ପରେ ଜିଲ୍ଲାପାଳ ୧୬ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୫୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରିବା ସହ ଦିବ୍ୟାଙ୍ଗ ଙ୍କୁ ହୁଇଲ ଚେୟାର ତିନୋଟି ଓ ଗୋଟିଏ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣୀ ଶିବିରରେ ସମସ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ବ୍ଲକ ସ୍ତରୀୟ ଅଧିକାରୀ ତଥା ଏବିଡ଼ିଓ ମାଧୁରୀ ଆଚାରୀ, ଏଇଇ ପ୍ରକାଶ ପ୍ରଧାନ, ଏଇ ସତ୍ୟନାରାୟଣ ସେଠୀ, ବିଇଓ ସଚିନ କୁମାର ମଲ୍ଲିକ, ସିଡିପିଓ ଗାୟତ୍ରୀ ବାହିନୀପତି ସହ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପ୍ରେସକ୍ଲବ ଓ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ




ଲଙ୍ଗଳେଶ୍ୱର(ନିପ୍ର): ସାମ୍ବାଦିକତା ଏକ ସେବା, ବୃତି ନୁହେଁ । ସାମ୍ବାଦିକଟି ହେଉଛି ସମାଜର ଜାଗ୍ରତ ପ୍ରହରୀ, ଅନେକ କ୍ଷେତ୍ରରେ ଜୀବନକୁ ବାଜି ଲଗାଇ ସେ କାର୍ଯ୍ୟ କରେ । ଏମିତି କର୍ତବ୍ୟବୋଧକୁ ନେଇ ସାମ୍ବାଦିକଟି ଚାଲିଥାଏ ଅହରହ ବୋଲି ଶନିବାର ସନ୍ଧ୍ୟାରେ ବ୍ଲକ ଛକ ନିକଟରେ ସୁବର୍ଣ୍ଣ ରେଖା ପ୍ରେସ କ୍ଲବ ଓ ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ଶାଖା ଦ୍ୱାରା ପାଳିତ ଜାତୀୟ ପ୍ରେସ ଦିବସରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ପ୍ରେସ କ୍ଲବ ସଭାପତି କୃପାସିନ୍ଧୁ ପଣ୍ଡାଙ୍କ ପୌରାହିତ୍ୟରେ ପାଳିତ ଏହି ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ, ସନ୍ୟାସୀ ବେହେରା ବେଦ ପାଠ, ସଦାଶିବ ସେଠୀ ବିବରଣୀ ପାଠ କରିଥିଲେ । ଏଥିରେ ବକ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି, ମନ୍ମଥ କୁମାର ସାହୁ ଉଦଘାଟକ, ଅପରାହ୍ନ ଏଡିଟର ବଂଶୀଧର ଜେନା ମୁଖ୍ୟ ବକ୍ତା, ଅଭିନନ୍ଦନ ଏଡିଟର ଇଂ ଜଗଦୀଶ ମିଶ୍ର, ସ୍ୱାଭିମାନୀ ମଂଚ ସଭାପତି ସତ୍ୟକାମ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ଲୋକନାଥ ଦଳାଇ, ଯାତ୍ରା ସିଂହ ବାହିନୀ ମାଲିକ ସଞ୍ଜୀବ କୁମାର ପାଢ଼ୀ, ସମାଜସେବୀ ତୁଷାରକାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶରତ ଚନ୍ଦ୍ର ପ୍ରଧାନ, ହରେକୃଷ୍ଣ ଜେନା, ଜିଲ୍ଲା ପରିଷଦ ନିଶାକର ସେଠୀ, ସଂଜୀବ କୁମାର ପାଢ଼ୀ, ତୁଷାରକାନ୍ତ ବେହେରା, ରବୀନ୍ଦ୍ର କୁମାର ଜୈନ, ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି,ଉତ୍କଳ ସାମ୍ବାଦିକ ସଂଘର ଜୀବନ କୃଷ୍ଣ ବାରିକ, ଦେବେନ୍ଦ୍ର ଦାସ, ନିରଞ୍ଜନ ପ୍ରସାଦ ବାରିକ, ବିଶ୍ୱମ୍ବର ଦାସ, ଜଗତ ଜଗମୋହନ ସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଉପଦେଷ୍ଟା ଜଗବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଉପଦେଷ୍ଟା ଆରତୀ ପାତ୍ର, ବୀର ମାଧବ ଦାସ, ସାମ୍ବାଦିକ ଗୋପାଳ କୃଷ୍ଣ ବିଶ୍ୱାଳ, ସଞ୍ଜୟ କୁମାର ଗିରି, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ, ସାମ୍ବାଦିକା ପ୍ରତିମା ଜେନା, କବିତା ଗିରି ପ୍ରମୁଖ ଏହାକୁ ପରି ଚାଳନା କରିଥିଲେ । ବାଲେଶ୍ୱର ଗୀତ ସଂଗୀତ ମ୍ୟୁଜିକାଲ ନାଇଟର ନୃତ୍ୟ ଗୀତରେ ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୁବ ଝୁମି ଥିଲେ ।

GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE
C-1004
Phone : 9438660004, e-mail-eephbls@gmail.com
NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.14.11.2024

The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| | | | | | | From | To | | |
| 1 | Supply of ISI Marked DI (K7) Pipes for the work Construction of ESR & Extension of Distribution System with Pumping arrangement for Balasore Municipality | SEPHBLS-15 dt.14.11.2024 | 450.77 | Manufacturer | 90 (Ninety) Days | 11:00 Hrs. of dt.21.11.2024 | 17:00 Hrs. of dt.05.12.2024 | 17:00 Hrs. Of 02.12.2024 | 11:00 Hrs. Of 06.12.2024 |
| 2 | Supply of ISI Marked DI (K7) Pipes for the work Improvement of water supply to Basudevpur Municipality | SEPHBLS-16 dt.14.11.2024 | 80.95 | Manufacturer | 60 (Sixty) Days | 11:00 Hrs. of dt.21.11.2024 | 17:00 Hrs. of dt.05.12.2024 | 17:00 Hrs. Of 02.12.2024 | 11:00 Hrs. Of 06.12.2024 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore-756056, Odisha, Phone : 9438660004

Sd/-
Superintending Engineer,
P.H. Division, Balasore

OIPR. 13053/11/0002/2425











ସୁସ୍ଥ ରହିବାଟା ଆମର ନୈତିକ ଦାୟିତ୍ୱ; କାରଣ ଅସୁସ୍ଥ ହେଲେ ଆମେ ସମାଜ ପାଇଁ ଅକାମୀ ହୋଇଯିବୁ । (ଜନ୍‌ସନ୍)

# ଆଜିକାଲି



ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

## ଶୀତ ବଢୁଛି

ବିଳମ୍ବରେ ହେଲେ ମଧ ରାଜ୍ୟର ବିଭିନ୍ନ ଅଂଚଳରେ ଗତ ସପ୍ତାହରୁ ଥଣ୍ଡା ଆରମ୍ଭ ହୋଇଛି । ବିଶେଷ କରି ଫୁଲବାଣୀ, କନ୍ଧମାଳରେ ଶୀତ କ୍ରମଶଃ ବଢୁଥିବା ବେଳେ ଅନ୍ୟ ସ୍ଥାନ ମାନଙ୍କରେ ସକାଳ ସମୟରେ ଶୀତ ଅନୁଭୂତ ହେଉଛି । ଦୁଇ ଦିନ ତଳେ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ । ଏବେ ୨ ଦିନ ହେଲା କନ୍ଧମାଳରେ ଶୀତର ପ୍ରକୋପ ବେଶ୍ ବଢ଼ିଯାଇଛି । ଏହି ଦୁଇ ସ୍ଥାନରେ ତାପମାତ୍ରା ୭.୮ ୦କୁ ଖସି ଆସିଲାଣି । ଅପରପକ୍ଷରେ ବହୁ ସ୍ଥାନରେ ପାରଦ କ୍ରମଶଃ ଖସୁଛି । ଫୁଲବାଣୀରେ ୧୧, ଦାରିଙ୍ଗବାଡ଼ିରେ ୧୨, ଅନୁଗୁଳ, ଭବାନୀପାଟଣା, ଝାରସୁଗୁଡ଼ା ପ୍ରଭୃତି ସ୍ଥାନରେ ୧୧ ରୁ ୧୩ ଡିଗ୍ରୀ ଭିତରେ ହ୍ରାସ ପାଉଛି । ଏପରିକି ଭଦ୍ରକ, ସୁନ୍ଦରଗଡ଼ରେ ଯଥାକ୍ରମ ୩.୮ ଓ ୧୫ ଡିଗ୍ରୀ ମଧ୍ୟରେ ରହୁଛି । ଭୁବନେଶ୍ୱର, କଟକ ଦୁଇ ସହର ମଧରେ ଯଥାକ୍ରମେ ୬ ଡିଗ୍ରୀକୁ ହ୍ରାସ ପାଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଥଣ୍ଡା ଆଗକୁ ଆହୁରି ବଢ଼ିପାରେ । ଯଦିଓ କିଛି ଦିନ ପାଗ ଶୁଖିଲା ରହିବ ତାପମାତ୍ରା ଆହୁରି ୨ ରୁ୩ ଡିଗ୍ରୀ ମଧ୍ୟରେ ହ୍ରାସ ପାଇବ ବୋଲି ସୂଚନା ମିଳୁଛି । ଯେଉଁଠି ଅଧିକ ଶୀତ ପଡ଼ୁଛି ସେଠାରେ ଲୋକେ ସନ୍ଧ୍ୟା ପରେ ବାହାରକୁ ବାହାରି ପାରୁ ନାହାଁନ୍ତି । ଏପରିକି ନିଆଁଜାଳି ବସୁଥିବା ମଧ ଦେଖା ଗଲାଣି । ଏହି ସୂଚନା ରାଜ୍ୟବାସୀଙ୍କ ପାଇଁ ବୋଲି କୁହାଯାଇପାରେ । କିନ୍ତୁ ସପ୍ତାହକ ପରେ ତାପମାତ୍ରା ବଢ଼ିବ ନା ହ୍ରାସ ପାଇବ ତାହା ମଧ ସ୍ପଷ୍ଟ ଜଣାପଡୁନାହିଁ । ବର୍ଷା ଦିନେ ଯେଉଭଳି ପ୍ରବଳ ବର୍ଷା ହୁଏ ତାହା ପରେ ପରେ ବେଶ କିଛି ଦିନ ପାଗ ଶୁଖିଲା ସହ ଟାଣ ଖରା ମଧ ହୋଇଥାଏ ସେହିଭଳି ଶୀତର ପ୍ରକୋପ ବଢ଼ିବା ନେଇ ଏବେବି ସନ୍ଦେହ ରହିଛି । ଡିସେମ୍ବର ମାସ ଆଉ ମାତ୍ର ୧୦/୧୨ ଦିନ ରହିଛି । ସାଧାରଣତଃ ଡିସେମ୍ବର ଓ ଜାନୁଆରୀରେ ସାରା ରାଜ୍ୟରେ ପ୍ରବଳ ଶୀତ ପଡ଼ିଥାଏ । ଏପରିକି କେତେକ ସ୍ଥାନରେ ବରଫ ପଡୁଥିବା ଦୃଶ୍ୟ ନଜୀର ରହିଛି । ଚଳିତ ବର୍ଷ ଥଣ୍ଡାର ପ୍ରକୋପ କିଭଳି ରହିବ ସେଥିପାଇଁ ଲୋକେ ଅପେକ୍ଷା କରିବା ସ୍ୱାଭାବିକ । ଏହା କେବଳ ଜଳବାୟୁ ପରିବର୍ତ୍ତନ ଉପରେ ନିର୍ଭର କରେ । କିନ୍ତୁ ପୁଣି ଆଶଙ୍କା କରାଯାଉଛି ବର୍ଷା ଓ ଶୀତ ଅପେକ୍ଷା ଗ୍ରୀଷ୍ମ ଦିନେ ପ୍ରଚଣ୍ଡ ଗୁଳୁଗୁଳି ଓ ଗରମ ପୂର୍ବଭଳି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ।

## ଜାଣି ରଖନ୍ତୁ

- ନିଜ କଥାର ସ୍ୱର ଉପରେ ଧ୍ୟାନ ଦିଅନ୍ତୁ; ବହୁତ ଉଚ୍ଚ ସ୍ୱରରେ କଥା କହନ୍ତୁ ନାହିଁ ।
- କହୁଥିବା ବେଳେ ସମ୍ପୃକ୍ତ ବିଷୟ ଉପରେ ପର୍ଯ୍ୟାପ୍ତ ଜ୍ଞାନ ଅଛି ନା ନାହିଁ ଦେଖନ୍ତୁ ।
- କିଛି ଚିନ୍ତା ନକରି ଆଦୌ କହନ୍ତୁନାହିଁ । ସ୍ଥାନ, କାଳ ଓ ପାତ୍ର ଉପରେ ବିଶେଷ ଧ୍ୟାନ ରଖନ୍ତୁ । ବଜାର, ଡାକ୍ତରଖାନା ଆଦି ସ୍ଥାନରେ ଧୀରେ କହନ୍ତୁ ।
- ଦୁଇଜଣ କଥା ହେଉଥିଲେ ମଝିରେ କୁହନ୍ତୁନି । କାହାକୁ ନିଜ ଆଡୁ ପରାମର୍ଶ ଦିଅନ୍ତୁନି ।
- ଅନ୍ୟର କଥା ମନ ଦେଇ ଶୁଣନ୍ତୁ ଓ ପରେ କହନ୍ତୁ । ସମ୍ପୃକ୍ତ ବ୍ୟକ୍ତିର ରୁଚିକୁ ବି ଗୁରୁତ୍ୱ ଦିଅନ୍ତୁ ।
- କହୁଥିବା ବେଳେ ଅଯଥାରେ ହାତ ହଲାନ୍ତୁନି, ଆଖିକୁ ଏପଟସେପଟ କରନ୍ତୁନି କିମ୍ବା ଅନ୍ୟକୁ ଛୁଅଁନ୍ତୁନି ।
- ଖାଉଥିବାବେଳେ କହନ୍ତୁନି ।
- ଦୂରରେ ଛିଡ଼ା ହୋଇ ବଡ଼ ପାଟିରେ କହନ୍ତୁନି, ପାଖକୁ ଯାଆନ୍ତୁ ।
- ପିଲାଙ୍କ ସ୍କୁଲରେ ଶିକ୍ଷକଙ୍କ ସହ ଶିଷ୍ଟାଚାରରେ କଥାବା□ା କରନ୍ତୁ ।
- ଏଭଳି କଥା କହନ୍ତୁନି, ଯାହା ଆପଣଙ୍କୁ ଅପମାନିତ କରାଇବ ।
- ଚାକରବାକର ଓ ବାହାର ଲୋକଙ୍କ ସାମ୍ନାରେ ନିଜର ବ୍ୟକ୍ତିଗତ କଥା କହନ୍ତୁ ନାହିଁ ।
- ନିଜର ଭୁଲ କଥାକୁ ପ୍ରମାଣିତ କରିବା ପାଇଁ ଅଯଥା ତର୍କବିତର୍କ ବା ଯୁକ୍ତି କରନ୍ତୁନି ।
- ନିଜଠୁ ବଡ଼ଲୋକଙ୍କୁ ନେଇ କୌଣସି ଖରାପ ଶବ୍ଦ କହନ୍ତୁନି ।

# ଲୌହ ମାନବୀ ଇନ୍ଦିରା



**ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଅବସରରେ**

ଲୌହ ମାନବୀ ଇନ୍ଦିରାଙ୍କ ରାଜନୈତିକ ତଥା ରାଷ୍ଟ୍ରୀୟ ଜୀବନ ପ୍ରାରମ୍ଭ ହୋଇଥିଲା ପାଂଚ□ ବର୍ଷ ବୟସରୁ । ଜୀବନରେ କିଛି ବଡ଼ କରି ଦେଖାଇବା ନିମନ୍ତେ ସେ ନିଷ୍ପତି ନେଇଥିଲେ ସେହି କଅଁଳ ବୟସରେ, ଯାହା କଦାଚିତ୍ ଦେଖା ଯାଇଥାଏ ସେହି ବୟସର ପିଲାଙ୍କ ଠାରେ । ଇନ୍ଦିରାଙ୍କ ଆଦର୍ଶ ଥିଲେ 'ଜୋଆନ୍ ଅଫ୍ ଆର୍କ' । ପିଲାଦିନେ ଶୁଣିଥିଲେ ଜୋଆନଙ୍କ ସଂପର୍କରେ । ବଡ଼ ହେବା ପରେ ପଢ଼ିଥିଲେ ବର୍ନାଡ୍ ସ'ଙ୍କର 'ସେ□ ଜୋଆନ୍' । ଶୈଶବରେ ହାତ ଉଠାଇ ସେ କହୁଥିଲେ ଯେ ସେ ଦିନେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଆଣିବେ ଠିକ୍ ଜୋଆନ୍‌ଙ୍କ ଭଳି ଏବଂ ଦୁର୍ଦ୍ଧର୍ଷ ବ୍ରିଟିସ୍ ସରକାର ବିରୋଧରେ ଏକଜୁଟ କରିଥିଲେ ସମବୟସ୍କ ଟିକି ଟିକି ପିଲାଙ୍କୁ । ଗଢ଼ିଥିଲେ 'ବାନର ସେନା' । ଶତ୍ରୁ ବିରୋଧରେ ଆଗେଇବା ଥିଲା କଷ୍ଟକର ସେମାନଙ୍କ ପକ୍ଷେ, କିନ୍ତୁ କୌଣସି ସମୟରେ ଆଶା ହରାଇନଥିଲେ ଇନ୍ଦିରା । ନେତୃତ୍ୱ ନେବା ପାଇଁ, ଭାରତକୁ ଆଗେଇ ନେବା ପାଇଁ, ମହାତ୍ମାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଯେପରି ଜନ୍ମ ନେଇ ଥିଲେ । ସେ ଥିଲେ ପଣ୍ଡିତ ନେହେରୁଙ୍କର 'ଇନ୍ଦୁବଏ', ଏମ୍.ଏଫ୍ ହୁସେନଙ୍କ ଦୁର୍ଗା ଦେବକାନ୍ତ ବରୁଆଙ୍କ ଶବ୍ଦରେ 'ଇଣ୍ଡିଆ ଇଜ୍ ଇନ୍ଦିରା ଆଣ୍ଡ ଇନ୍ଦିରା ଇଜ ଇଣ୍ଡିଆ' ଏବଂ ସମସ୍ତ ଭାରତୀୟଙ୍କର 'ଇନ୍ଦିରା ମାଆ' । ବାସ୍ତବରେ ତାଙ୍କ ଆଖିରେ ଭାରତ ବର୍ଷ ଦେଖିଥିଲା ଆଧୁନିକ ବିଶ୍ୱକୁ ଏବଂ ତାଙ୍କରି ଉଦ୍ୟମରେ ପରିଣତ ହୋଇଥିଲା ଏକ ବିଶ୍ୱ-ଶକ୍ତିରେ । ୧୯ ନଭେମ୍ବର ୧୯୧୭ ରେ ଇନ୍ଦିରା ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ କମଳା ନେହେରୁଙ୍କ ଏକମାତ୍ର କନ୍ୟା ରୂପେ । ସେମାନେ ଆସିଥିଲେ ଏକ ନୈଷ୍ଠିକ କାଶ୍ମୀରୀ ବ୍ରାହ୍ମଣ ପରିବାରରୁ । ତାଙ୍କ ଜେଜେ ମୋତିଲାଲ ନେହେରୁ ଏବଂ ପିତା ସେ ସମୟର ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଭିତରେ ଗଣା ହେଉଥିଲେ । ପୁଣି ଦୁହେଁ ଥିଲେ ମହାତ୍ମାଙ୍କ ପ୍ରିୟ । ଶୈଶବରୁ ନିଜ ବାସଗୃହ 'ଆନନ୍ଦ ଭବନ'ରେ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମ ମାନ ଦେଖି ଦେଖି ବଡ଼ ହୋଇ ଥିଲେ ଇନ୍ଦିରା । ମା' କମଳାଙ୍କ ସ୍ୱାସ୍ଥ୍ୟ ଭଲ ରହୁନଥିଲା । ସେ ଅନେକ ସମୟରେ ଶଯ୍ୟାଶାୟିନୀ ରହୁଥିଲେ । ରାଜନୈତିକ କାରଣରୁ ଜେଜେବାପା ତଥା ପିତାଙ୍କ ସମୟ ପ୍ରାୟ କଟୁଥିଲା ବାହାରେ ବା କାରାଗାରରେ । ଏଣୁ ଶୈଶବରୁ ହିଁ ବଡ଼ ଏକାକିନୀ ଥିଲେ ଇନ୍ଦିରା । ତେବେ ଏହାକୁ ନେଇ ତାଙ୍କ ମନରେ ତିଳେ ହେଲେ କ୍ଷୋଭ ଅଭିମାନ ନଥିଲା ବରଂ ଏକାକିନୀ ସାହସର ସହ ସେ ସମ୍ମୁଖୀନ ହେଉଥିଲେ ସମସ୍ତ ବିପଦ ଆପଦର । ତାଙ୍କ ଚରିତ୍ରର ଏକ ବିଶେଷ ଦିଗଟି ତାଙ୍କୁ ଲମ୍ବା ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ କରୁଥିଲା । ଅତିକମ୍ ବୟସରୁ ସେ ନିଜର ସଂପୃକ୍ତ କରିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ସମ ବୟସ୍କ ପିଲାଙ୍କୁ ନେଇ ସେ ଗଠନ କରିଥିଲେ 'ବାନର ସେନା' । ଭାରତୀୟ ଜାତୀୟ କଂଗ୍ରେସର ପତାକା, ବ୍ୟାନର, ପ୍ଲାକାର୍ଡ଼ ଆଦି ନିଜ ସ୍କୁଲ ବ୍ୟାଗରେ ଭର୍ତିକରି ବିଭିନ୍ନ ସ୍ଥାନକୁ ଚାଲାଣ କରିବାଠାରୁ ଆରମ୍ଭ କରି ସିଧାସଳଖ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନରେ ସୁଦ୍ଧା ସାମିଲ କରିଥିଲେ ନିଜକୁ । ତାଙ୍କୁ ଯେତେବେଳେ ୫ ବର୍ଷ ବୟସ ତାଙ୍କ ଜେଜେ ତାଙ୍କୁ ଉପହାର ଦେଇ ଥିଲେ ଚରଖାଟିଏ । ପିଲାଦିନେ ଖାକି ପୋଷାକ ଓ ଗାନ୍ଧୀ ଟୋପି ପିନ୍ଧିବାକୁ ପସନ୍ଦ କରୁଥିଲେ ସେ ଏବଂ ନିଜକୁ କହୁଥିଲେ 'ଇନ୍ଦୁ ବଏ' । ସ୍ୱଦେଶୀ ଆନ୍ଦୋଳନ ବେଳେ ନିଜର ଅତି ପ୍ରିୟ ବିଦେଶୀ କଣ୍ଢେଇଟିକୁ ସେ ଫୋପାଡ଼ି ଦେଇଥିଲେ ଅଗ୍ନି ମଧ୍ୟକୁ । ଫ୍ରାନ୍ସ ତିଆରି ପୋଷାକଟିଏ ପିନ୍ଧିବାକୁ ମନା କରିଦେଇଥିଲେ ନିଜ ଜନ୍ମ ଦିନରେ । ଏଥିରୁ ଶୈଶବରୁ ହିଁ ତାଙ୍କର ଦେଶପ୍ରେମ - ଜାତିପ୍ରେମ ସ୍ୱଭାବରୁ ଅନୁମାନ କରାଯାଇ ପାରେ । ରାଜନୀତିରେ ଇନ୍ଦିରାଙ୍କ ପ୍ରବେଶ ଥିଲା ସ୍ୱାଭାବିକ । ରାଜନୈତିକ ପରିବେଶରେ ବଢ଼ିଥିବା ଇନ୍ଦିରା ଯେ ଜଣେ ସଫଳ ରାଜନେତ୍ରୀ ହେବେ ତାହା ଖୁବ୍ କମ୍ ବୟସରୁ ଜଣା ପଡ଼ିଯାଇଥିଲା । ୧୯୩୦ ମସିହାରେ ସ୍କୁଲରେ ପଢ଼ିବା ସମୟରେ ସେ ବ୍ରିଟିସ୍ ସରକାରଙ୍କ ବିରୋଧରେ ପିଲାଙ୍କୁ ନେଇ 'ବାନର ସେନା' ଗଠନ କରିଥିଲେ । ୧୯୩୮ ମସିହାରେ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଥିଲେ । ଏଥିପାଇଁ ୧୯୪୨ ସେପ୍ଟେମ୍ବର ୧୧ ତାରିଖରୁ ୧୯୪୩ ମେ ୧୩ ତାରିଖ ଯାଏ ସେ କାରାବରଣ କରିଥିଲେ । ୧୯୫୬ରୁ ୧୯୬୦ ଯାଏ ଜାତୀୟ ଯୁବ କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ । ୧୯୬୪ରେ ନେହେରୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନରେ ସେ ସଂସଦକୁ ନିର୍ବାଚିତ ହୋଇଥିଲେ । ନେହେରୁଙ୍କ ପରେ ଲାଲବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ଶାସ୍ତ୍ରୀଙ୍କ ମନ୍ତ୍ରୀ ମଣ୍ଡଳରେ ଇନ୍ଦିରାଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ଦାୟିତ୍ୱ ଦିଆଯାଇଥିଲା । ୧୯୬୬ରେ ଶାସ୍ତ୍ରୀଙ୍କ ମୃତ୍ୟୁ ହେଲା । ସେହି ବର୍ଷ ଜାନୁଆରୀ ୨୬ ତାରିଖରେ ଇନ୍ଦିରା ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଇନ୍ଦିରାଙ୍କ ପ୍ରଧାନମନ୍ତ୍ରିତ୍ୱକୁ ବିରୋଧ କରୁଥିବା ମୋରାରଜୀ ଦେଶାଇ ଓ ରାମମନୋହର ଲୋହିୟା ତାଙ୍କୁ 'ମୂକ କୁଣ୍ଢେଇ' ଭାବେ ଅଭିହିତ କରିଥିଲେ । ୧୯୭୧ ନିର୍ବାଚନରେ ଇନ୍ଦିରାଙ୍କ ଗରିବ ହଟାଓ ସ୍ଲୋଗାନ୍ ବେଶ୍ ଲୋକପ୍ରିୟ ହୋଇଥିଲା । ଇନ୍ଦିରାଙ୍କ ରାଜନୈତିକ ଜୀବନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି । ୧୯୭୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନକୁ ବେଆଇନ ଘୋଷଣା କରିଥିଲେ । ଏଥିପାଇଁ ତାଙ୍କୁ ସଂସଦୀୟ ଆସନରୁ ବହିଷ୍କାର କରିବା ସହ ୬ ବର୍ଷ ଯାଏ ନିର୍ବାଚନ ନ ଲଢ଼ିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହାକୁ ଗ୍ରହଣ କରିନ କରି ସେ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲେ । ଏହି ଜରୁରୀ କାଳୀନ ପରିସ୍ଥିତି ତାଙ୍କ ରାଜନୈତିକ ଜବୀନର ମୋଡ଼ ବଦଳାଇ ଦେଇଥିଲା । ଏଥିପାଇଁ ପରବର୍ତୀ ନିର୍ବାଚନରେ କଂଗ୍ରେସକୁ ପରାଜୟ ବରଣ କରିବାକୁ ହୋଇଥିଲା । କିନ୍ତୁ ମିଳିତ ସରକାରର ବିଫଳତା ପରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସରେ କଂଗ୍ରେସ ପୁଣି ଥରେ ଶାସନ ଗାଦିକୁ ଫେରିଥିଲା ।

# ସ୍ୱାସ୍ଥ୍ୟ ସଚେତନତା ଓ ଶୌଚାଳୟ

◆ ଡାକ୍ତର ନୀଳମାଧବ ପୃଷ୍ଟି




**ବିଶ୍ୱ ଶୌଚାଳୟ ଦିବସ**

ବିଶ୍ୱ ଶୌଚାଳୟ ଦିବସ ପଦକ୍ଷେପ ନେବାର ଏକ ଦିନ, ଶୌଚାଳୟ ସୁବିଧା ନଥିବା ଲୋକଙ୍କ ମଧ୍ୟରେ ସଚେତନ କରାଇବାର ଏକ ଦିନ । ବିଶ୍ୱରେ ୨.୫ କୋଟି ଲୋକ ପ୍ରକୃତ ପରିମଳ ସୁବିଧା ପାଇପାରି ନାହାନ୍ତି । ମହିଳା ଓ ଯୁବତୀ ବାହାରକୁ ଶୌଚ ହେବାକୁ ଯାଇ ଦୁଷ୍କର୍ମର ଶିକାର ହେଉଛନ୍ତି, ଯାହା ଅତ୍ୟନ୍ତ ନିନ୍ଦନୀୟ । ସବୁଠୁ ଦୁଃଖର କଥା, ଶୌଚାଳୟ ତୁଳନାରେ ଲୋକଙ୍କ ପାଖରେ ବେଶି ମୋବାଇଲ ଫୋନ ଥିବା ଗବେଷଣାରୁ ଜଣାପଡ଼ିଛି । ଏ ସମସ୍ୟାକୁ ସମାଧାନ କରିବା ଓ ଜନସଚେତନତା ସୃଷ୍ଟି କରିବା ବିଶ୍ୱ ଶୌଚାଳୟ ଦିବସର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ସବୁ ବର୍ଗର ଲୋକଙ୍କ ନିକଟରେ ପରିମଳ ସୁବିଧା ପହଂଚଇବା ପାଇଁ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ କରାଯାଏ । ବର୍ତ୍ତମାନ ସୋସିଆଲ ମିଡ଼ିଆ କ୍ୟାମ୍ପେନ୍, ଅନଲାଇନ୍ ପିଟିସନ୍ ଏବଂ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉଛି । ବିଶ୍ୱ ଶୌଚାଳୟ ଦିବସ ଆରମ୍ଭ ତଥା ଏହାର ଅଗ୍ରଗତିକୁ ପ୍ରୋତ୍ସାହିତ କରିଥିବା ଅନ୍ତର୍ଜାତୀୟ ସଂସ୍ଥା ହେଉଛି ବିଶ୍ୱ ଶୌଚାଳୟ ସଂଗଠନ । ବିଶ୍ୱ ସ୍ତରରେ ଶୌଚାଳୟ ଓ ପରିମଳ ଅବସ୍ଥାରେ ସୁଧାର ଆଣିବା ପାଇଁ ପ୍ରତିବଦ୍ଧ ଏହା ଏକ ଅଣ ଲାଭକାରୀ ସଂଗଠନ । ଜଳ ବ୍ୟତୀତ ଶୌଚାଳୟ ଉପରେ ଏହା ବେଶି ଧ୍ୟାନ ଦିଏ, ଯାହାକୁ ନେଇ ବେଶି ଚର୍ଚ୍ଚା ହେଉଛି । ଜଣେ ମଣିଷର ସର୍ବନିମ୍ନ ସାଧାରଣ ଜୀବନ ଭିତରେ ଶୌଚାଳୟର ଗୁରୁତ୍ୱ ନିଶ୍ଚିନ୍ତ ଭାବରେ ରହିଛି । ତେବେ ସବୁଠାରୁ ବଡ଼ କଥା ହେଉଛି ଏ କ୍ଷେତ୍ରରେ ସ୍ୱାସ୍ଥ୍ୟ ସଚେତନତା ଦିଗକୁ ପ୍ରାୟତଃ ଅଧିକାଂଶ ଭୁଲିଯାଇଛନ୍ତି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି କରିବା ପରେ ଅଧିକାଂଶ ଭାବରେ ଜନ ଆନ୍ଦୋଳନ ରୂପ ନେଇଛି ସତ ତଥାପି କେଜାଣି କାହିଁକି ଅଧିକାଂଶଙ୍କ ଭିତରେ ଏ ନେଇ ତତ୍ପରତା ବା ଆଗ୍ରହ ନାହିଁ । ଅନେକ ହୁଏତ ଜାଣିନଥାନ୍ତି ଆମ୍ଭମାନଙ୍କ ଚର୍ତୁଦିଗରେ ଏକ ସ୍ୱାସ୍ଥ୍ୟ ପ୍ରଦ ପରିବେଶ ଗଠନ କରିବା କ୍ଷେତ୍ରରେ ନୀରୋଗ ଭାବନାର ସ୍ୱାସ୍ଥ୍ୟ ପରିବେଶର ଭୂମିକା ରହିଛି । କିନ୍ତୁ ଅନେକ ହୁଏତ ଏ ଦିଗକୁ ଭୁଲି ଯାଇଥାନ୍ତି । କେନ୍ଦ୍ର ସରକାର ବା ରାଜ୍ୟ ସରକାର ସମସ୍ତେ ଏ ଦିଗରେ ଅନେକ ଉଦ୍ୟମ ଜାରି ରଖିଛନ୍ତି । ପ୍ରଶାସନିକ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ବି ହାତକୁ ନିଆଯାଇଛି । ତେବେ ଏ ସବୁ ଭିତରେ ସାଧାରଣରେ ସଚେତନତାର ବାର୍ତା ବହୁତ ବିଳମ୍ବରେ ପହଂଚୁଥିଲେ ବି ଏହା କିନ୍ତୁ ନିତ୍ୟାନ୍ତ ଭାବେ ଅପରିହାର୍ଯ୍ୟ । ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ ଶୌଚ କର୍ମ ପ୍ରତିଟି ମଣିଷ ଜୀବନର ମୁଖ୍ୟ ଓ ପ୍ରଧାନ ଅବଲମ୍ବନ ହୋଇ ଥିଲେ ବି ଏ ଦିଗକୁ ଅଣଦେଖା କରିବାର ପ୍ରାସଙ୍ଗିକତା ହିଁ ନାହିଁ । କାରଣ ଏ ସବୁ କ୍ଷେତ୍ରର ଯେଉଁ ପ୍ରତିକୂଳତା ସୃଷ୍ଟି ହୋଇଥାଏ ତାହା ସାଧାରଣରେ ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଥାଏ । ଅନେକ ହୁଏତ ଜାଣିନଥାନ୍ତି ଶୌଚାଳୟକୁ ବ୍ୟବସ୍ଥିତ କରିବା କ୍ଷେତ୍ରରେ କର୍ଣ୍ଣ-ନାସା-ଗଳା କ୍ଷେତ୍ର ପରୋକ୍ଷ ଭାବରେ ପ୍ରଭାବିତ ହୋଇଥାଏ । ଯାହାକୁ ଅନେକ ହାଲ୍‌କା ବା ଅଣଦେଖା କରୁଥିଲେ ବି ଘଟଣା କିନ୍ତୁ ଛୋଟିଆ ହେଲେ ବି ପରବର୍ତୀ ସମୟରେ ଉଦ୍‌ବେଗଜନକ ଘଟଣା ସଂଗଠିତ କରିଥାଏ । ଏକ ସୁସ୍ଥ ଓ ଆଧାତ୍ମିକ ପରିବେଶ ସୃଷ୍ଟି କରିବାରେ ଶୌଚ ବ୍ୟବସ୍ଥିତ ସଚେତନ ପରିବେଶର ଭୂମିକା ରହିଛି । କଟକସ୍ଥିତ ଷଷ୍ଠ ବାଟାଲିୟନର ଜନୈକ କର୍ମଚାରୀ ଯେ କି ମୋର ଘନିଷ୍ଠ ସତୀର୍ଥ ଶ୍ରୀକାନ୍ତ କୁମାର ସାହୁ ଯେଉଁ ବାର୍ତା ଦେଇଛନ୍ତି ତାହା ଯେତିକି ଦୁଃଖଦାୟକ ତତୋଧିକ ଚିନ୍ତାଜନକ । କଟକ ସହର ପରି ହଜାର ବର୍ଷର ପରିଚୟ ସମୃଦ୍ଧିର ସହରରେ ଏ ଯାବତ୍ ରାସ୍ତା କଡ଼ରେ ଶୌଚ ପଦ୍ଧତି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଓ ଚିନ୍ତାଜନକ । କିନ୍ତୁ ଏ କ୍ଷେତ୍ରକୁ ସମସ୍ତେ ଅଚିନ୍ତାର ପ୍ରସଙ୍ଗ ଭାବିଥାନ୍ତି କେବଳ ସେତିକି ନୁହେଁ ସେ ବନ୍ଧୁ ତାଙ୍କ ଉପଲବ୍ଧିରେ ଯାହା କହିଛନ୍ତି ଯେ ସେ ନିଜେ ଜଣେ ଗାଁ ମାଟିର ପିଲା ହୋଇ ଥିଲେ ବି ଗ୍ରାମାଂଚଳ ପରିବେଶ ଏ କ୍ଷେତ୍ରରେ ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲେ ବି ଚେତାଇବା ପାଇଁ ବା ଚେତିବା ପାଇଁ ଯେପରି କେହି ଏହାକୁ ଦାୟିତ୍ୱ ନେବା ପାଇଁ ଉପଯୁକ୍ତ ମନେ କରୁ ନାହାନ୍ତି । ତାହାଲେ ଏହାର ନିରାକରଣ କ'ଣ ? ଆମେ ସମସ୍ତେ ଅସ୍ୱସ୍ଥିକରଜନିତ ରୋଗକୁ ନେଇ ସନ୍ତୁଳି ହେବା ଏକ ସ୍ୱାସ୍ଥ୍ୟପ୍ରଦ ଜୀବନ ପାଇଁ ସ୍ୱାସ୍ଥ୍ୟପ୍ରଦ ଜୀବାଣୁ ମୁକ୍ତ ନୀରୋଗ ଦୈନନ୍ଦିନର ଆବଶ୍ୟକତା ରହିଛି । ବିଶ୍ୱ ଶୌଚାଳୟ ଦିବସ ଅବସରରେ ଏହି ବାର୍ତା ଆମ ସମସ୍ତଙ୍କ ଭିତରେ ଅନୁପ୍ରେରିତ ହେଉ ଏହା ହିଁ କାମନା ।

*ଇଏନ୍‌ଟି ବିଭାଗ, ବୁର୍ଲା*
*ବଡ଼ମେଡ଼ିକାଲ, ସମ୍ବଲପୁର*

# ପୁରୁଷର ସ୍ଥିତି ଏବଂ ଆନ୍ତର୍ଜାତୀୟ ପୁରୁଷ ଦିବସ

◆ ଅଂଶୁମାନ ମହାରଣା

ଆଜି ଏକବିଂଶ ଶତାବ୍ଦୀର ଯୁବାବସ୍ଥାରେ ପାଦ ଥାପି ସାରିଥିବା ମଣିଷ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୈଚାରିକ ଆଦର୍ଶ । ସଭ୍ୟ ସମାଜରେ ମଣିଷ ଶୃଙ୍ଖଳିତ ହୋଇ ବଂଚିବା ପାଇଁ ବୈଚାରିକ ଆଦର୍ଶର ଭୂମିକା ଅନିର୍ବଯନୀୟ ହୋଇଥାଏ ସିନା, ହେଲେ ମଣିଷ ମାତ୍ରକେ ଚାହେଁ ସମସ୍ତ ବାଦ ବିବାଦ ଠାରୁ ଦୂରେଇ ରହି ଜାଳମୁକ୍ତ ଭାବରେ ବଂଚିବାକୁ । ହଉ ସେ ନାରୀ, ହଉ ସେ ପୁରୁଷ ସାମାଜିକ ଜୀବନରେ ଉଭୟଙ୍କର ସମାଜ ପ୍ରତି ଥିବା ଅବଦାନ ସମାନ ହେତୁ ଉଭୟେ ସମ୍ମାନର ସହ ବଂଚିବାକୁ ଚାହାନ୍ତି । ମାତ୍ର ନାରୀର ସମ୍ମାନକୁ ସମାଜରେ ଅଧିକ ପ୍ରାଧାନ୍ୟ ଦିଆଯାଏ, ଏଇଥି ପାଇଁ କି ପିଢି ପରେ ପିଢି ମଣିଷ ସମାଜକୁ ଆଗକୁ ବଢାଇବା ନିମନ୍ତେ ସେ ସାଜିଥାଏ ଆଧାର । କେବଳ ସେଥିପାଇଁ ନୁହେଁ ବିବିଧ କ୍ଷେତ୍ରରେ ଆଜିର ନାରୀଟିଏ ଆଗକୁ ବଢିଲେ ତାଙ୍କୁ ଯେମିତି ସମ୍ମାନ ଦିଆଯାଏ, ସେମାନେ ଯେମିତି ସମାଜ ପାଇଁ ପ୍ରେରଣା ସାଜନ୍ତି, ପୁରୁଷଙ୍କ କ୍ଷେତ୍ରରେ ଏହାକୁ ବିଚାର କଲେ ପୁରୁଷ ମାନଙ୍କ ସଫଳତା ତଥା ଦକ୍ଷତା ଏତେଟା ଚର୍ଚ୍ଚାର ପରିସରଭୁକ୍ତ ହୁଏ ନାହିଁ । କାହିଁକି ? ଯେତେବେଳେ ଏକବିଂଶ ଶତାବ୍ଦୀର ମନୁଷ୍ୟ ସଭ୍ୟତା ଲିଙ୍ଗ ସମାନତାକୁ ଗୁରୁତ୍ୱ ଦେଇ ଆସିଛି ସେତେବେଳେ କେବଳ ନାରୀଙ୍କୁ ପ୍ରୋତ୍ସାହନ କାହିଁକି, ପୁରୁଷଙ୍କୁ କାହିଁକି ନୁହେଁ ? ମହିଳାଙ୍କୁ ସମ୍ମାନ ଆଳରେ ପୁରୁଷଙ୍କୁ ଅବହେଳା କରୁଛି କାହିଁକି ଏ ସମାଜ ? ଶୁଣିକି ଆଚମ୍ବିତ ହୋଇଗଲେ ନା ! ପୁରୁଷପ୍ରଧାନ ସମାଜରେ ପୁଣି ପୁରୁଷଙ୍କୁ ଅବହେଳା ? ନାରୀବାଦୀ ମାନେ ତ ସବୁବେଳେ ଏ ସମାଜକୁ ପୁରୁଷପ୍ରଧାନର ଆଖ୍ୟା ଦେଇ ମହିଳାଙ୍କ ହକ ପାଇଁ ହିଁ ଲଢିଥାନ୍ତି, ପୁଣି ପୁରୁଷଙ୍କୁ ଅବହେଳା କେମିତି ? ପ୍ରତିଟି ସକାଳର ଖବରକାଗଜରେ ନାରୀ ନିର୍ଯାତନା ସମ୍ବନ୍ଧୀୟ ଖବର ଅତିକମରେ ଗୋଟିଏ ଦୁଇଟି ତ ପ୍ରକାଶିତ ହୋଇଥାଏ । କେବେ ପୁରୁଷ ନିର୍ଯାତନାର ଖବର ପଢିବାକୁ ପାଇଛନ୍ତି କି ଖବରକାଗଜରେ ? କାହିଁକିନା ପୁରୁଷର ମାନସିକ ସ୍ଥିତି ସମ୍ପର୍କରେ ନା କେହି ଜାଣିବାକୁ ଚାହାନ୍ତି ନା କେହି ପଚାରିକି ବୁଝିଛନ୍ତି । ଥରେ ସେ ସମ୍ପର୍କରେ ବୁଝିକି ଦେଖନ୍ତୁ ଜାଣିପାରିବେ ଉଭୟ ମାନସିକ, ଶାରୀରିକ ତଥା ଆର୍ଥିକ ସ୍ତରରେ ପୁରୁଷ ହିଁ ପୃଥିବୀର ସବୁଠାରୁ ନିର୍ଯାତିତ ମଣିଷ । ହୋଇପାରେ ଆପଣ ମାନେ ଏହାକୁ ସହଜରେ ସ୍ୱୀକାର କରି ନ ପାରନ୍ତି, ହେଲେ ଏହା ହିଁ ନିର୍ବିବାଦୀୟ ସତ୍ୟ । ଯେତେବେଳେ ଶିଶୁପୁତ୍ରଟିଏ ଜନ୍ମ ନିଏ ସେତେବେଳ ଠାରୁ ତାର ପରିବାର ତା ଉପରେ ବିରାଟ ଆଶାଟିଏ ଲଦିଦିଏ ପୁଅଟିଏ ରୋଜଗାର କରିବ, ନିହାତି ପାଂଚପ୍ରାଣୀଙ୍କୁ ବଂଚାଇବା ଲାଗି ତାକୁ ପରିଶ୍ରମ କରିବାକୁ ପଡ଼ିବ । ଯେଉଁଥି ପାଇଁ ପୁଅଟିଏ ୧୬ ନ ପୂରୁଣୁ ପରିବାରର ସୁଖ ଲାଗି ବାଧ ହୋଇଥାଏ ନିଜର ସ୍ୱପ୍ନକୁ ନିଜ ସଉକକୁ ଭୁଲିବା ଲାଗି । କିଏ କହିଲା ଝିଅମାନେ କେବଳ ବାପଘର ଛାଡନ୍ତି ନିଜର ଘରସଂସାର ପାଇଁ, ପୁଅମାନେ ବି ଘର ଛାଡ଼ନ୍ତି ପରିବାରର ସ୍ୱପ୍ନ ପୂରଣ ପାଇଁ । ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଆନ୍ତି ଅର୍ଥ ଉପାର୍ଜନ ଆଶାରେ । ନିଜର ସବୁକିଛି ଭୁଲିଯାଆନ୍ତି ଘର ପରିବାର ଲାଗି, ହେଲେ ଯେତେ ପରିଶ୍ରମ କରି ରୋଜଗାର କଲେ କଣ ହେବ ? ସମ୍ବଳ ସସୀମ ଅଭାବ ଅସୀମ ନୀତିରେ ଯେତେ ଚେଷ୍ଟା କଲେ ବି



ଘରର ସମସ୍ତ ଅସୁବିଧା ଦୂର କରିପାରେ ନାହିଁ ପୁରୁଷ । ଶେଷକୁ ଘରୋଇ ଅଶାନ୍ତିକୁ ସହିବାକୁ ପଡିଥାଏ ପୁରୁଷକୁ । ପୁରୁଷର ସାମାଜିକ ଏବଂ ମାନସିକ ସ୍ଥିତି ସମ୍ପର୍କରେ ଯଦି ଆଲୋଚନା କରାଯିବ ତେବେ ବିରାଟ ପୋଥିଟିରେ ପରିଣତ ହୋଇଯିବ ପଛକେ କେବେ ଶେଷ ହେବ ନାହିଁ । ପ୍ରଥମେ ସାମାଜିକ ସ୍ଥିତି ସମ୍ପର୍କରେ ଚିନ୍ତନ କରାଯାଉ । ପୁଅ ମାନଙ୍କୁ କାନ୍ଦିବା ପାଇଁ ଏ ସମାଜ ସତେ ଯେମିତି ବାରଣ କରିଦେଇଛି । ଯଦି କେବେ ପୁଅଟିଏ ମନକଷ୍ଟ କରି କାନ୍ଦି ଦେଉଛି ତେବେ ତାକୁ ତାଚ୍ଛଲ୍ୟ କରି କୁହାଯାଉଛି ଯେ ପୁଅଟିଏ ହୋଇ ଝିଅ ପିଲାଙ୍କ ପରି କାହିଁ କାନ୍ଦୁଛୁ ? ଏତିକିରେ ସରିଯାଇନି ପୁରୁଷର ସାମାଜିକ ସ୍ଥିତାବସ୍ଥା, ଏ ସମାଜ ସତେ ଯେମିତି ସମଗ୍ର ପୁରୁଷ ଜାତିକୁ କୁସଂସ୍କାରଗ୍ରସ୍ତ ଭାବି ନେଇଛି । ସାମାଜିକ ଭାବନାରେ କେବଳ ପୁଅମାନେ ହିଁ ଖରାପ ଅଭ୍ୟାସ ସହିତ ଜଡିତ, ଝିଅ ପିଲାମାନେ ସମ୍ପୂର୍ଣ୍ଣ ମାତ୍ରାରେ ସତେ ଯେମିତି ନିର୍ଦ୍ଦୋଷ । ଏହାର ଗୋଟିଏ ଜ୍ୱଳନ୍ତ ଉଦାହରଣ ହେଲା ଯଦି ପୁଅଟିଏ ଥାନାରେ ଯାଇ କହେ ଆଜ୍ଞା ମୋତେ ସେଇ ଝିଅଟି ଅସଦବ୍ୟବହାର କରୁଛି ଅଥବା ଆଇନର ଅପବ୍ୟବହାର ଆଳରେ ର୍ୟାଗିଂ କରୁଛି ତେବେ ପୋଲିସ ପ୍ରଥମେ ଉପହାସ କରୁଛି । କାହିଁକି ପୁଅ ପିଲାଙ୍କ ଭିତରେ କଣ ସେତିକି ସଂସ୍କାର ନାହିଁ ନା ଶହେରୁ ଶହେ ଯାକ ପୁଅ ଖରାପ ବୋଲି ଏ ସମାଜ ଧରି ନେଇଛି । ପୁଅଟିଏ ନିଜକୁ ସୁଚରିତ୍ରର ବୋଲି ପ୍ରମାଣିତ କରିବାକୁ ସାରା ଜୀବନ ଲଗେଇ ଦିଅନ୍ତି ହେଲେ ବି କେଉଁଠି ନା କେଉଁଠି ବିଫଳ ହୁଅନ୍ତି ନିଶ୍ଚିତ । ମାନସିକ ସ୍ଥିତି ସମ୍ପର୍କରେ ଆଲୋଚନା ନ କରିବାଟା ହିଁ ଉଚିତ ହେବ । ଏଥିପାଇଁ ମହିଳା ମାନେ ହିଁ ଆପାତତ ଭାବରେ ଦାୟୀ । ଏହାର ମୁଖ୍ୟ କାରଣ ହେଉଛି ହେଉଛି ମହିଳା ମାନଙ୍କ ପାଇଁ ଅଜସ୍ର ନିୟମ କାନୁନର ସୁବିଧା ଏବଂ ଆଇନର ଅପବ୍ୟବହାର ଆଳରେ ବ୍ଲାକମେଲିଂ । ଏହି ସବୁ କାରଣ ଗୋଟିଏ ପୁରୁଷକୁ ବର୍ବାଦ କରିଦେବାକୁ ଯଥେଷ୍ଟ । ତେଣୁ ସ୍ୱାଭାବିକ ଭାବରେ ବଦଭ୍ୟାସକୁ ଆପଣେଇ ନେବାକୁ ବାଧ ହୁଏ ପୁରୁଷ । ସମାଜରେ ପୁରୁଷଙ୍କୁ ସମସ୍ତ କ୍ଷେତ୍ରରେ ଅପମାନ/ହତାଦର କରିବାର ଗୋଟିଏ ପରମ୍ପରା ଆରମ୍ଭ ହୋଇଗଲାଣି କହିଲେ ଚଳେ । ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ନାରୀର ହାତ ଥାଏ ପ୍ରବାଦଟି ତେତେ ବାସ୍ତବିକ ତାହାକୁ ସମୀକ୍ଷା କରାଯାଉ । ସାଧାରଣତଃ ଏହି ଧ୍ୟେୟବାକ୍ୟ ଧର୍ମପତ୍ନୀ ଅଥବା ଜୀବନସାଥୀଙ୍କ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ହେଲେ ଯେତେବେଳେ ଏହାକୁ ବ୍ୟାଖ୍ୟାନ କରାଯାଏ ତେବେ ଉଦ୍ଦେଶ୍ୟ ନଥାଇ ଏହାକୁ ମା, ଭଉଣୀ ତଥା ଅନ୍ୟ ମାତୃସ୍ଥାନୀୟ ବ୍ୟକ୍ତିଙ୍କ ସହ ଯୋଡ଼ାଯାଏ ଅନିଚ୍ଛାକୃତ ଭାବରେ । ଯଦି ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ନାରୀର ହାତ ଥାଏ ତେବେ ଅସଫଳ ତଥା ବେକାର ପୁରୁଷଙ୍କୁ ନିଜର ଜୀବନସାଥୀ ଭାବରେ ବାଛି ପାରିବେ ତ ମହିଳା ? ନା ବିନା ନାରୀଙ୍କ ପେରଣାରେ ସଫଳ ହୋଇଥିବା ପୁରୁଷ କଣ ଏ ଦୁନିଆରେ ନାହାନ୍ତି ? ଯେତେବେଳେ ଆନ୍ତର୍ଜାତୀୟ ମହିଳା ଦିବସ ଆସେ ଶୈକ୍ଷିକ କ୍ୟାମ୍ପସ ଠାରୁ ଆରମ୍ଭ କରି ସରକାରୀ ସ୍ତରରେ ଏପରିକି ଏନଜିଓ ତଥା ବାଣିଜ୍ୟିକ କ୍ଷେତ୍ରରେ ମଧ ଏହାକୁ ଉତ୍ସାହର ସହ ପାଳନ କରାଯାଏ । ଠିକ୍ ଏହାର ବିପରୀତ ଆଚରଣ କରାଯାଏ ଯେବେ ପୁରୁଷ ଦିବସ ଆସେ । ଏପର୍ଯ୍ୟନ୍ତ ଶତକଡ଼ା ୮୫ ପ୍ରତିଶତ ପୁରୁଷ ଜାଣି ନାହାନ୍ତି ଯେ ୧୯୯୯ ମସିହାରୁ ଲଗାତର ଭାବରେ ନଭେମ୍ବର ୧୯ ତାରିଖକୁ ଆନ୍ତର୍ଜାତୀୟ ପୁରୁଷ ଦିବସ ପାଳନ କରାଯାଉଛି । ଏହାକୁ ପାଳନ କରିବା ତ ଦୂରର କଥା ଏଥିପାଇଁ କୌଣସି ଛୁଟି ଦିଆଯାଏ ନାହିଁ । ଆପଣ ଦେଖିଥିବେ ଯଦି ବୈବାହିକ ଜୀବନ ସୁଖମୟ ହୁଏ ତେବେ କେବଳ ସ୍ତ୍ରୀ ହିଁ ସାଉଁଟେ ପ୍ରଶଂସା, ସୁନାମ । କାହିଁକି, ସେଇ ସୁଖମୟ ବୈବାହିକ ଜୀବନଯାପନ ପାଇଁ କଣ ପୁରୁଷର କୌଣସି ଭୂମିକା ନାହିଁ ? ଏହି ସମୂହ କାରଣ ଓ ପ୍ରଶ୍ନବାଚୀ ସମୂହ ଯେବେ ପୁରୁଷର ଉଭୟ ମାନସିକ, ଶାରୀରିକ ତଥା ଆର୍ଥିକ ସ୍ଥିତିକୁ ଆନ୍ଦୋଳିତ କରେ ସେ ସିନା ସହିଯିବ, ହେଲେ କେତେ ସହିବ ଏ ପୁରୁଷ ସମାଜ । ଲିଙ୍ଗଗତ ବିଭେଦଦା ଦୂର କରିବାକୁ ପାଥେୟ କରି ଯେପରି ଆନ୍ତର୍ଜାତୀୟ ମହିଳା ଦିବସ ପାଳନର ଆବଶ୍ୟକତା ପଡ଼ିଲା, ଠିକ ସେମିତି ପୁରୁଷର ସାଂସ୍କୃତିକ, ରାଜନୈତିକ, ସାମାଜିକ, ଅର୍ଥନୈତିକ ସଫଳତାକୁ ପରିଚିତ କରାଇବା ଏବଂ ପୁରୁଷଙ୍କ ସମସ୍ୟା ପ୍ରତି ମୌଳିକ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଆରମ୍ଭ ହେଲା ଆନ୍ତର୍ଜାତୀୟ ପୁରୁଷ ଦିବସ ପାଳନ । ଏହି ଆନ୍ତର୍ଜାତୀୟ ପୁରୁଷ ଦିବସ ପାଳନର ମୁଖ୍ୟ ୬ଟି ଲକ୍ଷ୍ୟ ଯଥା ୧- ଶ୍ରମିକ ଠାରୁ ଆରମ୍ଭ କରି ସେଲିବ୍ରିଟି ପର୍ଯ୍ୟନ୍ତ ସମସ୍ତ ପୁରୁଷର ସକରାତ୍ମକ ଆଦର୍ଶକୁ ଉଜ୍ଜୀବିତ କରିବା, ୨- ସମାଜ, ମାନବିକତା, ଘର, ଶିଶୁ ଯତ୍ନ, ବୈବାହିକ ତଥା ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ପୁରୁଷଙ୍କ ସକରାତ୍ମକ ଅବଦାନକୁ ଚିହ୍ନିବା, ୩- ପୁରୁଷର ଶାରୀରିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ସହ ଭାବପ୍ରବଣତା, ସାମାଜିକତା, ଆଧ୍ୟାତ୍ମିକତା ସ୍ତରରେ ସୁସ୍ଥତା ପ୍ରଦାନ କରିବା, ୪-ସାମାଜିକ ମନୋଭାବ ପରି କ୍ଷେତ୍ର ଯଥା, ଆଇନ, ସାମାଜିକ ସେବା ଇତ୍ୟାଦିରେ ପୁରୁଷଙ୍କ ପ୍ରତି ହେଉଥିବା ଲିଙ୍ଗଗତ ପକ୍ଷପାତ ପ୍ରତି ଧ୍ୟାନ ଆକର୍ଷଣ କରିବା, ୫- ଲିଙ୍ଗଗତ ସମାନତାକୁ ଉତ୍ସାହିତ କରିବା ସହିତ ଲିଙ୍ଗ ସମ୍ପର୍କକୁ ଉତ୍ସାହିତ କରିବା ଏବଂ ୬- ଏକ ନିରାପଦ ପରିବେଶକୁ ନିଶ୍ଚିତ କରିବା ଯେଉଁଠାରେ ବ୍ୟକ୍ତିବିଶେଷର ବିକାଶ ଏବଂ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ପହଂଚି ପାରୁଥିବ । ମାନବିକ ମୂଲ୍ୟବୋଧ ତଥା ପୁରୁଷର ସାମଗ୍ରିକ ସଚେତନତା ବୃଦ୍ଧି ଉଦ୍ଦେଶୀରେ ପୁରୁଷଙ୍କୁ ଉତ୍ସର୍ଗୀକୃତ ହୋଇଥିବା ଆନ୍ତର୍ଜାତୀୟ ପୁରୁଷ ଦିବସ ପାଳନକୁ ପାଖାପାଖି ୩୦ ବର୍ଷ ଅତିକ୍ରମ କରି ସାରିଥିଲେ ଏପର୍ଯ୍ୟନ୍ତ ଜନାଦୃତ ହୋଇ ପାରିନାହିଁ । ଏହାର ଏକମାତ୍ର କାରଣ ହେଲା ପୁରୁଷର ମାନସିକ ସ୍ଥିତି ସମ୍ପର୍କରେ ନା କେହି ଜାଣିବାକୁ ଚାହାନ୍ତି ନା କେହି ପଚାରିକି ବୁଝନ୍ତି । ବିନା ସଫଳତାରେ କୌଣସି ପୁରୁଷ ବୈବାହିକ ଜୀବନକୁ ଆପଣେଇ ପାରେନା, ଏହା ହିଁ ନିର୍ବିବାଦୀୟ ସତ୍ୟ । କଲାମ, ବାଜପେୟୀ, ବିବେକାନନ୍ଦ, ଟାଟା ପ୍ରମୁଖ ବିନା ବୈବାହିକ ଜୀବନରେ ସଫଳତା ହାସଲ କରିଛନ୍ତି । ଏମିତି ନୁହଁ ଯେ ସଫଳତାର ସମାଜରେ ନାରୀର କୌଣସି ଭୂମିକା ନାହିଁ । ଅଛି, ମାତ୍ର ପୁରୁଷ ମାନଙ୍କର ଅବଦାନକୁ ସମଗ୍ର ସ୍ତରରେ ବିସ୍ତାର ପାଇଁ ସେମାନଙ୍କୁ ସାମାଜିକ, ମାନସିକ ପ୍ରୋତ୍ସାହନର ଆବଶ୍ୟକତା ନିଶ୍ଚିତ ଭାବରେ ଅଛି । ଏଥିପାଇଁ ପୁରୁଷ ମାନଙ୍କର ଏକମାତ୍ର ଦିନ ଆନ୍ତର୍ଜାତୀୟ ପୁରୁଷ ଦିବସକୁ ମହିଳା ଦିବସ ଭଳି କ୍ୟାମ୍ପସ ଠାରୁ ଆରମ୍ଭ କରି ସରକାରୀ ସ୍ତରରେ ଏପରିକି ଏନଜିଓ ତଥା ବାଣିଜ୍ୟିକ କ୍ଷେତ୍ରରେ ମଧ ଏହାକୁ ପାଳନ କରିବାର ଆବଶ୍ୟତା ରହିଛି । ପୁରୁଷ ଦିବସ ପାଳନର ମୁଖ୍ୟ ୬ଟି ଲକ୍ଷ୍ୟ ସଫଳ ରୂପାନ୍ତରିତ ହେଲେ ଲିଙ୍ଗଗତ ସମାନତା ଭଳି ଆଦର୍ଶ ପୂର୍ଣ୍ଣ ମର୍ଯ୍ୟାଦାସମ୍ପନ୍ନ ହେବ ।

*ଯୋଗାଯୋଗ - ୮୦୯୩୨୯୮୭୨୪*











## ଆନ୍ତର୍ଜାତିକ ସହିଷ୍ଣୁତା ଦିବସ

# ସର୍ବେ ଭଦ୍ରାଣି ପଶ୍ୟନ୍ତୁ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ଭାବେ ପାଳନ କରାଯାଇଥାଏ । ଅସହିଷ୍ଣୁତା ବିରୋଧରେ ଜନ ସଚେତନତା ସୃଷ୍ଟି କରାଯିବାକୁ ମିଳିତ ଜାତିସଂଘ ଶୈକ୍ଷିକ ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଇ ଥାଏ । ଅସହିଷ୍ଣୁତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ପରସ୍ପର ମଧ୍ୟରେ ଥିବା ଈର୍ଷା ଏବଂ ପ୍ରତିଯୋଗିତା ମନୋଭାବ ପରିତ୍ୟାଗ କରିବା, ଯୁଦ୍ଧ ଠାରୁ ଦୂରେଇ ରହିବା, ମାନବାଧିକାରର ସୁରକ୍ଷା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ମୈତ୍ରୀ ଭାବ ସ୍ଥାପନ କରିବା ଦିଗରେ ସଚେତନତା ସୃଷ୍ଟି କରାଯାଇ ଥାଏ । ୧୯୯୬ ଠାରୁ ବିଶ୍ୱରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ପାଳନ କରିଆସୁଛନ୍ତି । କ୍ଷମା, ସହିଷ୍ଣୁତା, ଦୟା, ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସ ଇତ୍ୟାଦି ଭଗବତ୍ ପ୍ରଦତ୍ତ ଗୁଣ । ଏହି ସଦ୍‌ଗୁଣର ଆଲୋକରେ ଆଲୋକିତ ବ୍ୟକ୍ତି ଦେବତା ବା ଦୀପ୍ତିମାନ୍ ସତା ଭାବରେ ପୂଜିତ ଓ ବିଶ୍ୱବନ୍ଦିତ । ଏମାନେ ସମାଜର ପଥପ୍ରଦର୍ଶକ ଓ ମାର୍ଗଦର୍ଶକ । ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ ଉଲ୍ଲେଖ କରିଛନ୍ତି - ସହିଷ୍ଣୁତାମାନେ ପଳାୟନ ନୁହେଁ, ବରଂ ପ୍ରେମର ସହିତ ଆଲିଙ୍ଗନ । ଯେଉଁ ସାଧନା କଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା ଓ ହିଂସା ଆସେ, ତାହା ଆପାତତଃ ଲାଭଜନକ ହେଲେ ମଧ ତା'ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ରସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିଦେଇପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ତୁମ ହୃଦୟରେ ଯଦି ପ୍ରେମ ନଥାଏ ତେବେ ତୁମର କିଛି ମଧ ହୋଇନାହିଁ । ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ଦୂରରୁ ପରିହାର କର, ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ । ସନ୍ଦେହର ନିରାକରଣ କର, ଆଉ ବିଶ୍ୱାସର ସିଂହାସନରେ ଭକ୍ତିକୁ ବସାଅ, ହୃଦୟରେ ଧର୍ମରାଜ୍ୟ ସଂସ୍ଥାପିତ ହେଉ । ଭକ୍ତକବି ମଧୁସୂଦନ ରାଓ କହିଲେ - ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ



ଯହିଁ ଥାଏ ନିରନ୍ତର । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ଦେଶ ଓ ରାଷ୍ଟ୍ର ମଧ୍ୟରେ ସହିଷ୍ଣୁତା ହିଁ ହେଉଛି ଶାନ୍ତି ରାଜ୍ୟର ଚାବିକାଠି । ଜଗତର ସମସ୍ତ ଅଶାନ୍ତିର ମୂଳ ହେଉଛି ଏହି ଅସହିଷ୍ଣୁତା ଓ ଅପ୍ରେମ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ ବଜ୍ର ନିର୍ଘୋଷ କଣ୍ଠରେ ଉଲ୍ଲେଖ କଲେ - କ୍ଷମା କରିବାକୁ ହୁଏ ଏଭଳି ଭାବରେ ଯାହାଦ୍ୱାରା କ୍ଷତିର ପଥରୁଦ୍ଧ ହୁଏ । ଜଣେ ନରହନ୍ତାକାରୀକୁ ଯଦି କ୍ଷମା କରିବାକୁ ହୁଏ, ତେବେ ତାକୁ ଏପରି ଭାବରେ ଅନୁତପ୍ତ କରି ଉଠାଇବାକୁ ହେବ, ଯାହାଦ୍ୱାରା ସେ ପୁନରାୟ ନରହତ୍ୟା କରିବା ଅସମ୍ଭବ ହୋଇଉଠେ । ଭଗବାନ ଆମମାନଙ୍କୁ ଯେଉଁ ସ୍ୱାଧୀନ ଇଚ୍ଛାଶକ୍ତି ଦେଇଛନ୍ତି ତାହାକୁ ନେଇ ଆମେମାନେ ଯେତେବେଳେ ପ୍ରବୃତ୍ତିର ଅଧୀନ ହୋଇପଡୁ, ଈଶ୍ୱରଙ୍କ ସେବା ନକରି ପ୍ରବୃତ୍ତିର ସେବା କରୁ, ସେତେବେଳେ ସନ୍ଦେହ ସୃଷ୍ଟି ହୁଏ । ଭଗବାନଙ୍କ ରାଜ୍ୟରେ ସବୁ ସୁନ୍ଦର, ଅସୁନ୍ଦର କିଛି ନାହିଁ । ଅସୁନ୍ଦର ବା ଅସହିଷ୍ଣୁତା ହୁଏ ଆମମାନଙ୍କର ପ୍ରୟୋଗର ଦୋଷରେ । ଈଶ୍ୱର ବା ଗୁରୁଙ୍କ ପ୍ରତି ବୃତିଭେଦୀ ଆକର୍ଷଣ ଯେତେବେଳେ କୃଶ ହୋଇ ଉଠେ, ସେତେବେଳେ ଅସହିଷ୍ଣୁତା ବା ଅପ୍ରେମ ଆମ ମାନଙ୍କୁ ଗ୍ରାସ କରେ । ଭ୍ରାନ୍ତି ସେତେବେଳେ ଆସେ, ଯେତେବେଳେ ଉତ୍ତବୀ ମୁଖ ଚଳନ ଆମମାନଙ୍କୁ ପାଇବସେ । ତେଣୁ ଅସହିଷ୍ଣୁତା, ଅପ୍ରେମ, ପରଶ୍ରୀକାତରତା, ହିଂସା, ଦ୍ୱେଷ, କ୍ଷୁଦ୍ର-ମାନସିକତା ଓ ବୃତି ମୁଖୀନତା ଇତ୍ୟାଦି ପ୍ରବୃତ୍ତି ସୃଷ୍ଟ । ବୃତି-ପ୍ରବୃତିର ଊର୍ଦ୍ଧ୍ୱରେ ବାସ କରୁଥିବା ଜୀବନ, ଚେତନା, ଜ୍ଞାନ, ବିଜ୍ଞାନ, ଆନନ୍ଦ, ଶାନ୍ତି ଓ ପ୍ରେମର ଅବତାର ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହିଁ ଏହି ସମସ୍ୟାର ସମାଧାନ । କଳ୍କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ, ମୁଁ ନିଶ୍ଚୟ କହୁଛି, ତୁମର ଉନ୍ନୟନ ନିମି□ ଆଉ ଭାବିବାକୁ ହେବନାହିଁ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।'

*ସହ-ପ୍ରତିରକ୍ଷିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ :୯୪୩୭୦୫୧୯୫୭*

# ଉତ୍କଳ ବୁଲେଟିନ୍ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ ପାଳିତ



## ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କୁ ସ୍ୱତନ୍ତ୍ର ପୂଜ୍ୟପୂଜା ସମ୍ମାନ-୨୦୨୪ ପ୍ରଦାନ

ଭୁବନେଶ୍ୱର : ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଜାତୀୟ ଗଣମାଧ୍ୟମ ଦିବସ ଉତ୍କଳ ବୁଲେଟିନ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି ଓ ଏହି ଅବସରରେ ସଂଗଠନର ସ୍ମରଣିକା ଉନ୍ମୋଚିତ ହୋଇଯାଇଛି । ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ପୌରୋହିତ୍ୟ ଓ ବରିଷ୍ଠ ସମାଜସେବୀ ତଥା ପରିବେଶବିତ୍ ମନୋରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ସଭ୍ୟ ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତଥା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବରେଣ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ସମାଜସେବୀ ଶଶଧର ପଣ୍ଡା, ଅନ୍ୟତମ ସମ୍ମାନୀତ ଅତିଥିଭାବେ ବେଦବିଶାରଦ ମମତା ମହାନ୍ତି ଓ ବରିଷ୍ଠ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ବେହେରା ଯୋଗଦେଇ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମାଜିକ ସଂଗଠନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବା ସହିତ ସମାଜର ପ୍ରତ୍ୟେକ ସ୍ତରରେ ପୂଜ୍ୟପୂଜା ଓ ସମାଜସେବାକୁ ପ୍ରାଧାନ୍ୟ ଦିଆଯିବା ଆଜିର ଆବଶ୍ୟକତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶିଷ୍ଟ ପୂଜ୍ୟପୂଜା ପ୍ରାଣ ସଂସ୍କୃତି ପୁରୁଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କୁ ସ୍ୱତନ୍ତ୍ର ପୂଜ୍ୟପୂଜା ସମ୍ମାନ ୨୦୨୪ ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ପ୍ରଦାନ କରାଯାଇଥିଲା । ଏହା ସହିତ ବିଭିନ୍ନ କ୍ଷେତ୍ରରେ ସାରସ୍ୱତ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଓ ସଂଗଠନଙ୍କୁ ଉତ୍କଳ ବୁଲେଟିନ୍ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ସାରସ୍ୱତ ପ୍ରତିଭାଧାରୀ ସାହିତ୍ୟିକା ଡ. ଲୋପାମୁଦ୍ରା ଜେନା, ସାମ୍ବାଦିକ ସୌଭାଗ୍ୟ ରଂଜନ ମହାନ୍ତି, ସାହିତ୍ୟିକା ସରୋଜିନୀ ମିଶ୍ର, ଶିଭମ୍ କମ୍ପ୍ୟୁଟର ଏଜୁକେସନ୍‌ର ଅଧ୍ୟକ୍ଷା ଶଶୀରେଖା ସାହୁ, ସମାଜସେବିକା ଶୁଭାନୀ ଦାସ, ବିଶିଷ୍ଟ ଶିକ୍ଷାବିତ୍ ନିର୍ମଳାବାଳା ଦେଇ, ଯୁବ କୃଷି ଗବେଷକ ଦେବବ୍ରତ ସାହୁ, ଅଧିବକ୍ତା ଉମାକାନ୍ତ ତାଣ୍ଡି, ସବିତାରାଣୀ ଜେନା, ଯୁବ କଳାକାର ପ୍ରିୟଙ୍କର ପରମବୀର ପଣ୍ଡା, ସାମ୍ବାଦିକା ନମିତା କଅଁର, ସମାଜସେବୀ ପ୍ରଦୀପ କୁମାର ଦେହୁରୀ, ଅଧିବକ୍ତା ତଥା ସମାଜସେବିକା ସବିତାରାଣୀ ଜେନା, ସାମାଜିକ ସଂଗଠନ ମା' କଲ୍ୟାଣୀ ମହାସଂଘ, ସାମ୍ବାଦିକ ବିଜୟ ପ୍ରଧାନ, ସମାଜସେବିକା ରାଣୀଆ ସାହୁ, ସମାଜସେବୀ ସୁଲୋଚନା ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିବାବେଳେ ସଂଗଠନର ସଭ୍ୟସଭ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରିୟବ୍ରତ ବାରିକ, ନାରାୟଣ ଖୁଂଟିଆ, ରମେଶ କୁମାର ମହାପାତ୍ର ଓ ଶିଭମ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ । ଧନ୍ୟବାଦ ଅର୍ପଣ କରିଥିଲେ ସମିତା ମହାରଣା ।

# ନୟାଗଡ଼ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟର ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ନୟାଗଡ଼ : ନୟାଗଡ଼ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ର ଦ୍ୱିବାର୍ଷିକ ସମ୍ମିଳନୀ ଓ ଛାଡଖାଇ ଭେଟଭାଟ ନୟାଗଡ଼ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ନଭେମ୍ବର ୧୭ ତାରିଖ ରେ ଅନୁଷ୍ଠିତ ହୋଇଯାଇଛି । ତତ୍ ସହିତ ସାଙ୍ଗଠନିକ ନିର୍ବାଚନ ଉପଦେଷ୍ଟା ସଞ୍ଜୟ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇ ଅଛି । ସମ୍ମିଳନୀରେ ପରିବର୍ତ୍ତନଶୀଳ ଗଣମାଧ୍ୟମ ରୂପ ଉପରେ ଆଲୋଚନା କରା ଯାଇଥିଲା । ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ବକ୍ତା ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ନୟାଗଡ଼



ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ,ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର ଙ୍କ ପ୍ରତିନିଧି ଭାବେ ବରିଷ୍ଠ ଆଇନଜୀବି ପ୍ରିୟବ୍ରତ ପ୍ରହରାଜ, ରାଜ୍ୟ ଓୟୁଜେ ସମ୍ପାଦକ ପ୍ରସନ୍ନ ପାଇକରାୟ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ସମ୍ପାଦକ ଗୋପାଳ ଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ । ନୟାଗଡ଼ ଜିଲ୍ଲା ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟ ର ସଭାପତି ଆଚାର୍ଯ୍ୟ ବିଶ୍ୱରଂଜନ ଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ପରିବର୍ତ୍ତନଶୀଳ ଗଣମାଧ୍ୟମ ରୂପ ଉପରେ ସମସ୍ତ ଅତିଥି ଆଲୋକପାତ କରିଥିଲେ । ଜିଲ୍ଲା ର ୮ ଟି ବ୍ଲକ ୬୦ ରୁ ଉର୍ଦ୍ଧ୍ୱ ଓୟୁଜେ ସଭ୍ୟ ଯୋଗଦାନ କରିଥିଲେ । ରାଜ୍ୟ ଓୟୁଜେ ପର୍ଯ୍ୟବେକ୍ଷକ ଭାବେ ପ୍ରଶନ୍ନ ପାଇକରାୟ ଯୋଗ ଦେଇଥିଲେ । ଉପଦେଷ୍ଟା ସଞ୍ଜୟ ସ୍ୱାଇଁ ନୂତନ କର୍ମକର୍ତା ଭାବେ ରାଜ୍ୟ କୁ ରିପୋର୍ଟ ପ୍ରଦାନ କରିଥିଲେ । ଉପଦେଷ୍ଟା ସଞ୍ଜୟ ସ୍ୱାଇଁ, ସଭାପତି ଆଚାର୍ଯ୍ୟ ବିଶ୍ୱରଂଜନ, ଉପ ସଭାପତି ଆଲୋକ ସେନାପତି, ବ୍ରଜ ରଣସିଂହ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଜେନା, ସମ୍ପାଦକ ଦିନମଣି ମହାନ୍ତି, ଆଲୋକ ମହାରଣା, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିରଂଚି ନାୟକ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପାଳ ଚନ୍ଦ୍ର ବିଶ୍ୱାଳ, ସାଂଗଠନିକ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ, ଲିଜା କର, ସୁକାନ୍ତ କୁମାର ପଟ୍ଟନାୟକ, ଙ୍କ ନାମ ଗୃହୀତ ହୋଇଥିଲା ।

# ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ସମ୍ମାନିତ

ବୈଶିଙ୍ଗା : ସ୍ଥାନୀୟ ବେତନଟୀ ଧର୍ମଶାଳା ପରିସରରେ ପ୍ରଗତିବାଦୀର ବେତନଟୀ ସମ୍ବାଦଦାତା ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଅଛି । ବେତନଟୀର ସିଭିଲ ସୋସାଇଟି ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠ ସମାଜସେବୀ ଚୂଡ଼ାମଣି ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପିତ କରାଯାଇଥିଲା । କାର୍ଯ୍ୟକ୍ରମର ସଂଯୋଜନା, ଅତିଥି ପରିଚୟ ଓ ସଭାର ଉଦ୍ଦେଶ୍ୟଜ୍ଞାପନ କରିଥିଲେ, ଏହି ଉଭୟ ସଂସ୍ଥାର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି । ଶ୍ରୀଯୁକ୍ତ ଗୋସ୍ୱାମୀ ଜଣେ ନିର୍ଭୀକ



ଓ ବେସାଲିସ ସାମ୍ବାଦିକ ଥିଲେ ବୋଲି ଉପସ୍ଥିତ ସଦସ୍ୟ ଏବଂ ସାମ୍ବାଦିକ ରମାନାଥ ବାରିକ, ଗଣେଶ ଚନ୍ଦ୍ର ସାହୁ, ଯତୀନ୍ଦ୍ରନାଥ ସାହୁ, ବାସୁଦେବ ନାପିତ, ସହଦେବ ଗିରି, ସଂଜୟ କୁମାର ମିଶ୍ର,ନୀରୋଦ ସୁନ୍ଦର ଜେନା, ସୀତାନାଥ ବେହେରା ପ୍ରମୁଖ ବ୍ୟକ୍ତବ୍ୟ ଛଳରେ ତାଙ୍କର ଗୁଣଗାନ କରିଥିଲେ ।ମୁଖ୍ୟ ଅତିଥି ବାରିପଦା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଶ୍ୟାମସୁନ୍ଦର ଦାସ, ମୁଖ୍ୟବକ୍ତ ।ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ସମ୍ମାନିତ ଅତିଥି ପୂର୍ବତନ ଅଧ୍ୟକ୍ଷ ବେତନଟୀ ମହାବିଦ୍ୟାଳୟ ଶ୍ରୀମତୀ ସଂଯୁକ୍ତା ଜୀ ଓ ବିଶିଷ୍ଟ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ପ୍ରଗତିବାଦୀର ପ୍ରତିଷ୍ଠାତ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ନୀତି ଓ ଆଦର୍ଶରେ ଗୋସ୍ୱାମୀ ସାର କିଭଳି ପ୍ରଭାବିତ ବର୍ଣ୍ଣନା କରିଥିଲେ ।ତାଙ୍କର ସାଂଗଠନିକ ଓ ସାହିତ୍ୟିକ ଦକ୍ଷତା ସମ୍ବନ୍ଧରେ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ସଭାସ୍ଥଳରେ ବହୁସଂଗଠକ, ଶିକ୍ଷାବିତ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ସମାଜସେବୀ, ଆଇନଜୀବୀ ଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟଗଣ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ଗୋସ୍ୱାମୀଙ୍କୁ ପୁଷ୍ପଗୁଚ୍ଛ , ଉପଢୌକନ ଓ ଉତରୀୟ ଭାବେ ଶାଲ୍ ଉଭୟ ଅନୁଷ୍ଠାନ ତରଫରୁ ଅର୍ପଣ କରା ଯାଇ ଥିଲା ।କାର୍ଯ୍ୟକ୍ରମ ପରିଚାଳନାରେ କମଳଲୋଚନ କର, ଦିବ୍ୟଶଙ୍କର ଦେବ ସହଯୋଗ କରିଥିଲେ ।ଶେଷରେ ଉପସଭାପତି ରବୀନ୍ଦ୍ରନାଥ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ପୁରୀ :ପୁରୀ ସହରର ପ୍ରାଚୀନ ମହାବିଦ୍ୟାଳୟ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ୧୯୬୬-୧୯୭୦ ବ୍ୟାଚ୍‌ର ପୁରାତନ ଛାତ୍ରମାନଙ୍କର ଏକ ମିଳନୀ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଅଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟକ ଏବଂ ନିର୍ବାଚନ ଆୟୋଗର ପୂର୍ବତନ ବରିଷ୍ଠ ଉପଦେଷ୍ଟା ପ୍ରଫେସର ଡଃ. ଭଗବାନ ପ୍ରକାଶ, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍, ସାହିତ୍ୟିକ, ସମ୍ପାଦକ ଏବଂ ରାଜନିତିଜ୍ଞ ପ୍ରଫେସର ବିଶ୍ୱରଞ୍ଜନ, ପୂର୍ବତନ ଏମ.ପି., ବିଧାୟକ ଏବଂ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ର, ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ଆଲୁମିନି ଆସୋସିଏସନର ଆବାହକ ଶ୍ରୀଯୁକ୍ତ ରାଜକିଶୋର ଦାଶ, ପ୍ରଫେସର ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ମିଶ୍ର, ଶ୍ରୀ ନିରଞ୍ଜନ ରଥ ଆଦି ଭାରତୀୟ ସେନାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ବନ୍ଧୁମିଳନରେ ଯୋଗଦେଇଥିଲେ ।

# ଓଡ଼ିଆ ସଂସ୍କୃତିର ପ୍ରଭାବରେ ବିଦେଶ ସଂସ୍କୃତି ପରିବର୍ଦ୍ଧିତ ହୋଇଛି

କଟକ : ବିଦେଶରେ ଓଡ଼ିଆ ସଂସ୍କୃତିର ପ୍ରଭାବ ସେଠାକାର ସଂସ୍କୃତିକୁ ପରିମାର୍ଜିତ ତଥା ପରିବର୍ଦ୍ଧିତ କରିଛି ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ (ବିଦେଶ ବିଭାଗ) ଇଞ୍ଜିନିୟର ରବି କୁମାର କହିଛନ୍ତି । ବାଲିଯାତ୍ରା ଉପଲକ୍ଷେ ଭାରତୀୟ ସଂସ୍କୃତି ପ୍ରଚାର ସମିତି ତରଫରୁ ଶନିବାର ସନ୍ଧ୍ୟାରେ ସାରଳା ଭବନଠାରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ଶ୍ରୀ କୁମାର ଏହା



କହିଥିଲେ । ସେ ପୁଣି କହିଲେ ଯେ, କାମ୍ବୋଡ଼ିଆ, ଥାଇଲାଣ୍ଡ, ମିଆଁମାର, ଇଣ୍ଡୋନେସିଆ ଆଦି ଦେଶରେ ଓଡ଼ିଆ ସଂସ୍କୃତିର ଛାପ ଏବେ ବି ପରିଲକ୍ଷିତ ହୁଏ । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଭର୍ତୃହରି ମହତାବ କହିଲେ ଯେ, ବାଲିଯାତ୍ରା ଓଡ଼ିଆମାନଙ୍କର ବାଲି ଓ ଅନ୍ୟାନ୍ୟ ଦକ୍ଷିଣ-ପୂର୍ବ ଏସୀୟ ଦେଶସମୂହ ସହ ଥିବା ବାଣିଜ୍ୟିକ ସମ୍ପର୍କର ସାକ୍ଷ୍ୟ ବହନ କରେ । ଭାରତୀୟ ସଂସ୍କୃତି ପ୍ରଚାର ସମିତିର ସଭାପତି ଡକ୍ଟର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା ପରିଚାଳନା କରିଥିଲେ । ପ୍ରାରମ୍ଭରେ ବରିଷ୍ଠ ଆଇନଜୀବୀ ସର୍ବେଶ୍ୱର ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ଥିଲେ ଏବଂ ଶେଷରେ ସମିତିର ସମ୍ପାଦକ ନୃସିଂହ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ସହରର ଶତାଧିକ ଶିକ୍ଷାବିତ୍ ?, ଆଇନଜୀବୀ, ଚିକିତ୍ସକ, ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ

ବୈଶିଙ୍ଗା : ବେତନଟୀ ଧର୍ମଶାଳା ଠାରେ ରବିବାର ବେତନଟୀ ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟଅତିଥି ରୁପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ନାରାୟଣ ବେହେରା,ସମ୍ମାନିତ ଅତିଥି ରୂପେ ରୁରାଲ ଡେଭେଲପମେଂଟ ସେକ୍ରେଟାରୀ ଶ୍ରୀଯୁକ୍ତ ବିଜୟ କୁମାର ବେହେରା, ବରିଷ୍ଠ ନାଗରିକ ସଂଘର ସଭାପତି ବିଶିଷ୍ଟ ଆଇନଜୀବି ଶ୍ରୀଯୁକ୍ତ ହିମାଂଶୁ କୁମାର ପରିଡା,ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଶ୍ରୀଯୁକ୍ତ ଜୟନ୍ତ କୁମାର ପଟ୍ଟନାୟକ ପ୍ରମୁଖ ମଂଚାସୀନ ହୋଇଥିଲେ । ସର୍ବ ପ୍ରଥମେ ମଂଚ ଉପରେ ପ୍ରଦ୍ୱୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ ସଭାରେ ବରିଷ୍ଠ ନାଗରିକ ମାନେ ବିଭିନ୍ନ ସରକାରୀ କିମ୍ବା ବେସରକାରୀ କ୍ଷେତ୍ର ଯେଉଁ ସବୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ତାହାରି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ଭବିଷ୍ୟତ ରେ ଯେମିତି କୌଣସି ବରିଷ୍ଠ ନାଗରିକ କିଛି ଅସୁବିଧାର ସମ୍ମୁଖିନ ନହେବେ ସେଥି ପ୍ରତି ସରକାର ଯତ୍ନବାନ ହୋଇ ଏଥିପ୍ରତି ଦୃଷ୍ଟି ଦେବା ଦରକାର ବୋଲି ଅଭିଭାଷଣ ରଖିଥିଲେ ମଂଚାସୀନ ଅତିଥିଗଣ ।

# ପ୍ରତିକାର ପରିବାର ପକ୍ଷରୁ ୫୯ତମ ଜାତୀୟ ପ୍ରେସ ଦିବସ ପାଳିତ

ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ସ୍ଥିତ ବୁଲନ ଭାଇ ଭବନ ପରିସରରେ ୫୯ତମ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏକ ସ୍ୱାଧିନ ଏବଂ ସମ୍ବେଦନଶୀଳ ସମାଜରେ ଲୋକଙ୍କ ମୌଳିକ ଅଧିକାରକୁ ସେମାନଙ୍କ ନିକଟରେ ପହଂଚାଇବା ଓ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏକ ମୁକ୍ତ ଓ ଦାୟିତ୍ୱଶୀଳ ଗଣମାଧ୍ୟମର ପ୍ରତୀକ ରୂପେ ନଭେମ୍ବରରେ ୧୬ ତାରିଖକୁ ଜାତୀୟ ପ୍ରେସ ଦିବସ ଭାବେ ପାଳନ କରାଯାଏ । ୧୯୯୯ ମସିହା ନଭେମ୍ବର ମାସ ୧୬ ତାରିଖରେ ଭାରତରେ ପ୍ରଥମେ ପ୍ରେସ କାଉନସିଲ କାମ ଆରମ୍ଭ କରିଥିଲା । ସେହିଦିନଠାରୁ ପ୍ରତିବର୍ଷ ଭାରତୀୟ ପ୍ରେସ ଦିବସ ପାଳିତ ହୋଇ ଆସୁଅଛି । ପ୍ରେସ କାଉନସିଲ ସାମଗ୍ରିକ ଭାବେ ଏହି ଜାଗ୍ରତ ଓ ନୈତିକ ପ୍ରହରୀ, ଯାହାର ୨ଟି ମୁଖ୍ୟଲକ୍ଷ୍ୟ ରହିଛି । ୧ରେ ଗଣମାଧ୍ୟମର ମାନ ବଜାୟ ରଖିବା ଓ ୨ୟରେ ଏହାକୁ ବାହ୍ୟ ଚାପ ପ୍ରଭାବରୁ ମୁକ୍ତ ରଖିବା । ଗଣମାଧ୍ୟମ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ । ଗଣତନ୍ତ୍ରରେ ଗଣ ଅର୍ଥାତ୍ ଲୋକମାନଙ୍କ ଆଶା, ଆକାଂକ୍ଷା, ଅନୁଭବ ଓ ଅଭିଜ୍ଞତା କୁ ଗଣମାଧ୍ୟମ ଉପସ୍ଥାପନ କରିଥାଏ ।ଏହି ଅବସରରେ ଦୈନିକ ଖବରକାଗଜ ପ୍ରତିକାରର ପ୍ରତିଷ୍ଠାତା ଓ ସମ୍ପାଦକ ଶ୍ରୀଯୁକ୍ତ ଶୁଭାଶିଷ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜର ସମ୍ପାଦକ ଡ଼.ପ୍ରଭାସ ଆଚାର୍ଯ୍ୟ ଏବଂ ସମ୍ମାନୀତ ଅତିଥି ଭାବେ ଡ଼. ନାରାୟଣ ତ୍ରୀପାଠୀ ଅବସରପ୍ରାପ୍ତ ଲେବର କମିଶନର, ଜି.କେ ମହାପାତ୍ର, ଡ଼. ପ୍ରଶାନ୍ତ ବିଶ୍ୱାଳ ବିଶିଷ୍ଟ ସାହିତ୍ୟିକ, ଶ୍ରୀଯୁକ୍ତ ଜତୀନ ଦାସ ବରିଷ୍ଠ ସାମ୍ବାଦିକ, ଶ୍ରୀଯୁକ୍ତ ଅଧିର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ମାନେ ଏହି ଅବସରରେ ଉପସ୍ଥିତ ସାମ୍ବାଦିକ ମାନଙ୍କ ପାଖରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଫୁଲତୋଡ଼ା, ମାନପତ୍ର ଦେଇ ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ପ୍ରମୋଦ କିଶୋର ପରିଡ଼ା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

# ଖରିଫ ବର୍ଷ ୨୦୨୪-୨୫ନିମନ୍ତେ କଟକ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

କଟକ : ସମଗ୍ର କଟକ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଆଜି ପୂର୍ବାହ୍ନରେ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତା ରେ ଏକ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । କୃଷକ ମାନଙ୍କର ସମସ୍ତ ସୁବିଧା ନିମନ୍ତେ ଆଗାମୀ ଦିନମାନଙ୍କରେ ଧାନ ମଣ୍ଡି ଗୁଡିକର ଭିତିଭୂମିର ଉନ୍ନତିକରଣ କରାଯିବା ନେଇ ବୈଠକରେ ଆଲୋଚନା ହେବା ସହ ଧାନ ସଂଗ୍ରହ ନିମନ୍ତେ ମଣ୍ଡିମନଙ୍କରେ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ସମାନତା ରକ୍ଷା ପୂର୍ବକ ସମସ୍ତଙ୍କଠୁ ଧାନ ସଂଗ୍ରହ ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରଚଳିତ ବ୍ୟବସ୍ଥାରେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ହୋଇ କାର୍ଯ୍ୟ କରିବାପାଇଁ ଆଜିର ବୈଠକରେ ସାଂସଦ ଶ୍ରୀ ଭତୃହରି ମହତାବ ମତବ୍ୟକ୍ତ କରିଥିଲେ । ବୈଠକରେ ବାଙ୍କୀ ବିଧାୟକ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ, ମାହାଙ୍ଗା ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ,ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ,ନିଆଳି ବିଧାୟକ,ଶ୍ରୀ ଛବି ମଲ୍ଲିକ ପ୍ରମୁଖ ଯୋଗଦେଇ ଆସାଧୁ ବେପାରୀଙ୍କ କବଳରୁ ଚାଷୀ ମାନଙ୍କୁ ମୁକ୍ତକରି ଧାନ ସଂଗ୍ରହ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲୋମ୍ବନ ସହ ଆବଶ୍ୟକ ମଣ୍ଡି ଗୁଡ଼ିକର ସାମାନ୍ୟ ଭିତିଭୂମିକୁ ସୁଦୃଢ଼ କରାଯିବା ନେଇ ଆଲୋଚନା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ପୂର୍ବକ ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବା ସହ ଜିଲ୍ଲାରେ ସ୍ୱଚ୍ଛତାର ସହ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ତଥା ମଣ୍ଡିମାନଙ୍କରେ ଏବଂ ଜିଲ୍ଲାରେ ଆବଶ୍ୟକ ନୋଡାଲ ଅଧିକାରୀ ନିୟୋଜିତ ହେବା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଏଥିସହ ଧାନର ଗୁଣାତ୍ମକମାନ ବାବଦରେ ରଇଛ ଜରିଆରେ ଚାଷୀ ମାନଙ୍କୁ ଅବଗତ କରାଯିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ । ଜିଲ୍ଲାରେ ଧାନ ସଂଗ୍ରହ ବ୍ୟବସ୍ଥାରେ ସ୍ୱଚ୍ଛତା ଅବଲମ୍ବନ ସହ ଧାନମଣ୍ଡି ମାନଙ୍କରେ ସୁବ୍ୟବସ୍ଥା, ଚାଷୀ ମାନଙ୍କର ସମସ୍ତ ସୁବିଧା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସମ୍ବନ୍ଧରେ ବୈଠକରେ ମତପ୍ରକାଶ ପାଇଥିଲା । ମୁଖ୍ୟ ଜିଲ୍ଲା ଯୋଗାଣ ଅଧକାରୀ ଶ୍ରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଜିଲ୍ଲାର ଧାନ ସଂଗ୍ରହ ସମ୍ବନ୍ଧରେ ସୂଚନା ପ୍ରଦାନ କରି ସହ ୧୨ ଜଣ ମିଲରଙ୍କ ମାଧ୍ୟମରେ ୧୧୩ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ ସଂଗ୍ରହ କରାଯିବା ନେଇ ସୂଚନା ପ୍ରଦାନ କରିଥିଲେ । ଆଜିର ଏହି ବୈଠକରେ ସମସ୍ତ ଉପଜିଲ୍ଲାପାଳଙ୍କ ସହ କୃଷି ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ଉପଖଣ୍ଡର ଡି ଆର ସି ଏସ, ଏ ଆର ସି ଏସ, ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ମାନେ ଆଜିର ଏହି ବୈଠକ ଆଲୋଚନାରେ ଅଂଶଗ୍ରହଣ କରିଥଲେ ।



# ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଆ ଚଳଚ୍ଚିତ୍ର

ଅଶୋକ ପାଳିତ

ଭାରତରେ ପ୍ରଥମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ମୁମ୍ବାଇଠାରେ ୧୯୫୨ ମସିହା ଜାନୁଆରୀ ମାସରେ ଅନୁଷ୍ଠିତ ହୋଇଥିଲା । ଭାରତରେ ଏପରି ଏକ ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରିବାର ପରିକଳ୍ପନା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ହିଁ କରିଥିଲେ । ତତ୍କାପଳୀନ ଫିଲ୍ମ ଡିଭିଜନର ମୁଖ୍ୟ ମୋହନ ଭବାନୀ ଯିଏ ବିଦେଶରୁ ଭାରତକୁ ଫେରିବା ପରେ ଅନେକ ମୂକ ସିନେମା (Silent Movie) ନିର୍ମାଣ କରିଥିଲେ । ୧୯୪୮ ମସିହାରେ ଭାରତରେ ଫିଲ୍ମ ଡିଭିଜନ ପ୍ରତିଷ୍ଠା ହେବାପରେ ମୋହନ ଭବାନୀ ଏହାର ମୁଖ୍ୟ ଭାବେ ନିଯୁକ୍ତି ପାଇଥିଲେ । ନିଯୁକ୍ତି ପାଇବା ପରେ ପରେ ସେ ପ୍ୟାରିସ୍ ଗସ୍ତରେ ଯାଇ ସେଠାରେ ୟୁନେସ୍କୋର ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ବିଶେଷଜ୍ଞମାନଙ୍କ ଏକ ସମ୍ମିଳନୀରେ ଯୋଗଦେବା ପରେ ଭାରତରେ ନିଜସ୍ୱ ଏକ ଚଳଚ୍ଚିତ୍ର ମହୋତ୍ସବର ପରିକଳ୍ପନା କରିଥିଲେ । ୧୯୫୨ ଜାନୁଆରୀ ୨୮ରେ ମୁମ୍ବାଇରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ପରଠାରୁ ଭାରତର ବଛା ବଛା ସହରରେ ଏହି ଉତ୍ସବ ଆୟୋଜିତ ହେଉଥିଲା । ୨୦୦୪ ମସିହାଠାରୁ ଗୋଆ ସରକାର ଏବଂ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ମିଳିତ ସହଯୋଗରେ ସେଠାରେ ହିଁ ପ୍ରତିବର୍ଷ ନଭେମ୍ବର ୨୦ରୁ ୨୮ ତାରିଖ ଯାଏ ନଅ ଦିନ ବ୍ୟାପୀ ଭାରତର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି । ୫୨ ବର୍ଷରୁ ଅଧିକ ସମୟ ଧରି ଇଫି (IFFI) ଏସିଆର ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବ ଭାବେ ଖ୍ୟାତିଲାଭ କରିଛି । ଚଳଚ୍ଚିତ୍ର କଳାର ଉତ୍କର୍ଷତାକୁ ପ୍ରତିପାଦନ ଲକ୍ଷ୍ୟ ହିଁ ଏହି ମହୋତ୍ସବ ପ୍ରଥମ ଏବଂ ପ୍ରଧାନ ଉଦ୍ଦେଶ୍ୟ । ୧୯୫୨ ମସିହାରେ ପ୍ରଥମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଆୟୋଜିତ ହୋଇଥିଲେ ମଧ୍ୟ ୧୯୭୮ ମସିହାରେ ସିନେମା ମାଧ୍ୟମରେ ଭାରତର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରା ଉପରେ ଆଧାରିତ ଭାରତୀୟ ଚଳଚ୍ଚିତ୍ରକୁ ପ୍ରୋତ୍ସାହନର ଆଭିମୁଖ୍ୟ ନେଇ ଇଣ୍ଡିଆନ୍ ପାନୋରମାର ପରିକଳ୍ପନା କରାଯାଇଥିଲା । ଏହି ବିଭାଗରେ ଭାରତର ସମସ୍ତ ଆଂଚଳିକ ଭାଷାରେ ନିର୍ମିତ ଚଳଚ୍ଚିତ୍ର ବିଚାରକ ମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ପ୍ରଦର୍ଶିତ ହୋଇଥାଏ । ଉଭୟ ଫିଚର ଓ ଅଣଫିଚର ବିଭାଗରେ ସୁନିର୍ବାଚିତ ଚଳଚ୍ଚିତ୍ର ଭାରତୀୟ ପାନୋରମା ବିଭାଗରେ ପ୍ରଦର୍ଶିତ ହୋଇଥାଏ । ଚଳିତ ବର୍ଷ ନଭେମ୍ବର ୨୦ ରୁ ୨୮ ତାରିଖ ଯାଏ ଅନୁଷ୍ଠିତ ହେବାକୁ ଯାଉଥିବା ୫୫ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଫିଚର ବିଭାଗରେ କୌଣସି ଓଡ଼ିଆ ଚଳଚ୍ଚିତ୍ର ମନୋନୀତ ହୋଇ ନ ଥିବା ବେଳେ ଅଣଫିଚର ବର୍ଗରେ ପ୍ରଦର୍ଶନ ଲାଗି ମନୋନୀତ ୨୦ଟି ଚଳଚ୍ଚିତ୍ର ମଧ୍ୟରେ ମୁମ୍ବାଇରେ ଅବସ୍ଥାପିତ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଉଣ୍ଡ ଇଞ୍ଜିନିୟର ସୁବାସ ସାହୁଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ 'ମୋ ବୋଉ ମୋ ଗାଁ' ପ୍ରଦର୍ଶିତ ହେବାପାଇଁ ଚୟନିତ ହୋଇଛି । ଆଜିର ଦୁନିଆ, ସଂସ୍କୃତି, ପରମ୍ପରା, ଗାଁ ଓ ବୋଉ ଠାରୁ ଦୂରେଇ ଯାଉଥିବା ବେଳେ ତାକୁ ଧରି ରଖିବାର ପ୍ରୟାସ ହିଁ ଏହି ଚଳଚ୍ଚିତ୍ରର ଅନ୍ତଃସ୍ୱର । ୧୯୭୮ ମସିହା ଠାରୁ ଇଫିରେ ଇଣ୍ଡିଆନ୍ ? ପାନୋରମା ଆରମ୍ଭ ହୋଇଥିଲେ ମଧ୍ୟ ଏହି ବିଭାଗରେ ଓଡ଼ିଆ ସିନେମାର ପ୍ରଥମ ପ୍ରବେଶ ହୋଇଥିଲା ୧୯୮୩ ମସିହାରେ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶୀତରାତି' ଚଳଚ୍ଚିତ୍ର ମାଧ୍ୟମରେ । ଏହାପରେ ମନ ମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ ନୀରବ ଝଡ଼ (୧୯୮୫), କ୍ଳାନ୍ତ ଅପରାହ୍ଣ (୧୯୮୬) ଏବଂ ମଝିପାହାଚ (୧୯୮୮) ଇଣ୍ଡିଆନ ପାନୋରମା ବିଭାଗରେ ପ୍ରଦର୍ଶିତ ହୋଇଥିଲା । ସୂଚନାଯୋଗ୍ୟ ଯେ ଓଡ଼ିଆ ସିନେମାରେ ମନମୋହନ ମହାପାତ୍ରଙ୍କ ଚଳଚ୍ଚିତ୍ର ଏକ ନୂତନ ଧାରା (ଘରଙ୍ଗ ଡବଙ୍ଗର) ର ଅୟମାରମ୍ଭ କରିଥିଲା । 'ଶୀତରାତି' ଓ 'କ୍ଳାନ୍ତ' ଅପରାହ୍ଣ ସାମାଜିକ କାହାଣୀକୁ ନେଇ ଆଧାରିତ ହୋଇଥିବା ବେଳେ, 'ନୀରବଝଡ଼' ଓଡ଼ିଶାରେ ଥିବା ମୁଖ୍ୟ ଦାଦନ ସମସ୍ୟା ଉପରେ ହିଁ ନିର୍ମିତ ହୋଇଥିଲା । 'ମଝିପାହାଚ' ଏକ ଆଦର୍ଶବାଦୀ ଯୁବକର ସ୍ୱପ୍ନ ଭଙ୍ଗର କାହାଣୀକୁ ହିଁ ଉପସ୍ଥାପିତ କରିଥିଲା । ଜୀବନକୁ ବ୍ୟାପକ ଅର୍ଥରେ ଦେଖିବା ଓ ସବୁ ସମ୍ପର୍କ କ୍ଷେତ୍ରରେ ଆତ୍ମାର ଅନ୍ୱେଷଣ ହିଁ 'ଶୀତରାତି'ର ମୁଖ୍ୟ କାହାଣୀ । 'ନୀରବ ଝଡ଼'ରେ ଜମିଦାର ଦ୍ୱାରା ଉତ୍ପୀଡ଼ିତ ଗରିବ ଲୋକେ ସବୁ କଷ୍ଟ ସହିଯାଆନ୍ତି । ସେମାନଙ୍କ ମନରେ ଉଠୁଥିବା ଝଡ଼ ନୀରବି ଯାଏ ସେମାନଙ୍କ ନିଜ ଅସହାୟତା ପାଖରେ । ଶେଷରେ ଅନ୍ୟ ଉପାୟ ନପାଇ ରାଜ୍ୟ ବାହାରକୁ ଚାଲିଯାଆନ୍ତି ଦାଦନ ଖଟିବା ପାଇଁ । 'କ୍ଳାନ୍ତ ଅପରାହ୍ଣ' ଚଳଚ୍ଚିତ୍ରଟି ତିନିଜଣ ଅବସରପ୍ରାପ୍ତ ଚାକିରିଆଙ୍କୁ ନେଇ । ଜୀବନର ଅପରାହ୍ଣରେ ଉପନୀତ ତିନି ଜଣ ବନ୍ଧୁଙ୍କ ସୁଖଦୁଃଖ, ହସକାନ୍ଦ ଆଉ ସେମାନଙ୍କ ପିଲାଙ୍କ ସଂଘର୍ଷର କାହାଣୀକୁ ନେଇ ଚଳଚ୍ଚିତ୍ରଟି ଗତିଶୀଳ । 'ମଝି ପାହାଚ' ମଧ୍ୟବିତ ପରିବାରର ସମସ୍ୟା ଓ ଜଞ୍ଜାଳକୁ ହିଁ ଉପସ୍ଥାପିତ କରିଛି । ମଝି ପାହାଚରେ ଛିଡ଼ା ହୋଇଥିବା ନାୟକଟିଏ ଆଗକୁ ଯିବାର ସାହସ ଦେଖାଇପାରୁ ନାହିଁ କି ପଛକୁ ଫେରିବାର ଭୀରୁତାକୁ ବି ପସନ୍ଦ କରିପାରୁ ନାହିଁ । ୧୯୮୪ ମସିହାରେ ନୀରଦ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ମାୟାମିରିଗ' ଏବଂ ସଗିର ଅହମ୍ମଦଙ୍କ ନିର୍ଦ୍ଦେଶିତ 'ଧାରେ ଆଲୁଅ' ଏହି ବିଭାଗରେ ପ୍ରଦର୍ଶିତ ପାଇଁ ନିର୍ବାଚିତ ହୋଇଥିଲା । 'ମାୟାମିରିଗ' ଚଳଚ୍ଚିତ୍ର ଥିଲା ଏକ ମଧ୍ୟବିତ ପରିବାରର ବାସ୍ତବତାର ସ୍ୱର୍ଶକାତର ଅଭିବ୍ୟକ୍ତି, ଯେଉଁଥିରେ ପରିବେଶର ଏକ ନିରବ, ଚତୁର ଓ ନିୟନ୍ତ୍ରିତ ପର୍ଯ୍ୟବେକ୍ଷଣ ବର୍ଣ୍ଣିତ ହୋଇଥିଲା । ବିଂଶ ଶତାବ୍ଦୀର ଉତର ଭାଗରେ ଏକ ଓଡ଼ିଆ ମଧ୍ୟବିତ ପରିବାରର ନିରବ ଆବର୍ତନ 'ମାୟାମିରିଗ' ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଥିବାବେଳେ 'ଧାରେ ଆଲୁଅ' ଚିତ୍ରନାଟ୍ୟ ଓ ସଂଳାପରେ ଥିଲା ଏକ ପରୀକ୍ଷାମୂଳକ ପ୍ରୟୋଗ, ଓଡ଼ିଆ ମଧ୍ୟବିତ ପରିବାର କାହାଣୀ ଭିତରେ ଥିଲା ବିପ୍ଳବ ଆଉ ପାରିବାରିକ ବନ୍ଧନର ଅପୂର୍ବ ସୂତ୍ର । ୧୯୯୫ ଓ ୧୯୯୬ରେ ବିପ୍ଳବ ରାୟ ଚୌଧୁରୀଙ୍କ ନିର୍ଦ୍ଦେଶିତ 'ଅରଣ୍ୟରୋଦନ' ଏବଂ 'ନିର୍ବାଚନ' ଇଣ୍ଡିଆନ୍ ? ପାନୋରାମା ବିଭାଗରେ ପ୍ରଦର୍ଶିତ ହେବା ପାଇଁ ମନୋନୀତ ହୋଇଥିଲା । 'ଅରଣ୍ୟରୋଦନ' ଆଦିବାସୀ ଅଧୁଷିତ ଅଂଚଳରେ କାର୍ଯ୍ୟରତ ଜଣେ ମହିଳା ସାମ୍ବାଦିକଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନର କାହାଣୀକୁ ନେଇ ଗତିଶୀଳ ହୋଇଥିବାବେଳେ 'ନିର୍ବାଚନ' ସମସାମୟିକ ଭୋଟ ରାଜନୀତିରେ ଅର୍ଥର ମୋହ କିପରି ସମାଜର ଖଟିଖିଆ ଏବଂ ଦାରିଦ୍ର୍ୟ' ସୀମାରେଖା ତଳେ ଥିବା ଭୋଟରଙ୍କ ଜୀବନକୁ ଦୁର୍ବିସହ କରିଦେଇଛି ତାହା ପ୍ରଦର୍ଶିତ ହୋଇଛି । 'ଅରଣ୍ୟ ରୋଦନ' ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ 'ଅଶାନ୍ତ ଅରଣ୍ୟ' ଉପନ୍ୟାସର ଚିତ୍ରରୂପ ହୋଇଥିବା ବେଳେ 'ନିର୍ବାଚନ' ଥିଲା ପ୍ରଫୁଲ୍ଲ ରାୟଙ୍କ କାହାଣୀ । ୧୯୯୨, ୧୯୯୭ ଏବଂ ୧୯୯୮ରେ ମୁମ୍ବାଇରେ ଅବସ୍ଥାପିତ ଓଡ଼ିଆ କ୍ୟାମେରା ମ୍ୟାନ୍ ଅପୂର୍ବ କିଶୋର ବୀରଙ୍କ 'ଆଦି ମୀମାଂସା, 'ଲାବଣ୍ୟ ପ୍ରୀତି' ଓ 'ଶେଷଦୃଷ୍ଟି' ଚଳଚ୍ଚିତ୍ର ଏହି ବିଭାଗରେ ପ୍ରଦର୍ଶିତ ହୋଇଥିଲା । ସୂଚନାଯୋଗ୍ୟ 'ଆଦିମୀମାଂସା' ଓ 'ଲାବଣ୍ୟପ୍ରୀତି' ଚଳଚ୍ଚିତ୍ର ଦୁଇଟି ଯଥାକ୍ରମେ ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପ 'ପରାଜୟ' ଓ 'ପ୍ରଥମ ପ୍ରଣୟ'ର ଚିତ୍ର ରୂପ । 'ଆଦିମୀମାଂସା' ଦାରିଦ୍ର୍ୟୀ ଏବଂ ମଧ୍ୟବିତ ପରିବାର ବଂଚିବା ପ୍ରସଙ୍ଗ ଉପରେ ଆଲୋକପାତ କରିଥିବା ସମୟରେ 'ଶେଷଦୃଷ୍ଟି' ଏକ ସ୍ୱାଧୀନତା ସଂଗ୍ରାମୀଙ୍କ ସନ୍ତାନ ସମସାମୟିକ ସମାଜରେ ଦୁର୍ନୀତିକୁ ପ୍ରତିରୋଧ କରିବାକୁ ଯାଇ କିପରି ଅସହାୟ ହୋଇପଡ଼ିଛି ଏ ଚଳଚ୍ଚିତ୍ରରେ ଚମତ୍କାର ଭାବେ ରୂପାୟିତ ହୋଇଛି । 'ଶେଷଦୃଷ୍ଟି' ଚଳଚ୍ଚିତ୍ରଟି ରାମଚନ୍ଦ୍ର ବେହେରାଙ୍କ କାହାଣୀ ଉପରେ ହିଁ ନିର୍ମିତ ହୋଇଥିଲା । 'ଲାବଣ୍ୟପ୍ରୀତି' ଥିଲା କିଶୋର ପ୍ରେମ କାହାଣୀର ଚମତ୍କାର ଆଲେଖ୍ୟ । ୧୯୯୮ରେ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ କାହାଣୀର ଅବଲମ୍ବନରେ ନିର୍ମିତ 'ଅହଲ୍ୟା' ଭାରତୀୟ ପାନୋରମାରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଶାର ବାଲ୍ୟ ବିଧବାର ସ୍ଥିତି ଓ ସ୍ୱରୂପକୁ ଏହି ସିନେମାରେ ବାଖ୍ୟାୟିତ କରିଛନ୍ତି ବିଜୟ କେତନ ମିଶ୍ର । ଅହଲ୍ୟା କଥା କହିନାହିଁ କିନ୍ତୁ ସେ ମୂକ ନୁହେଁ । ସାରା ସିନେମାରେ ଶେଷ ବେଳକୁ ଗୋଟିଏ ଶବ୍ଦ ହିଁ କହିଛି ଓ ଏହି ଶବ୍ଦ ସହ ଯେମିତି ଅହଲ୍ୟା ମୋକ୍ଷ ପାଇଯାଉଛି । ୨୦୦୨ ମସିହାରେ ସୁଶାନ୍ତ ମିଶ୍ରଙ୍କ ନିର୍ଦ୍ଦେଶିତ 'ବିଶ୍ୱପ୍ରକାଶ' ଏହି ବିଭାଗରେ ପଦର୍ଶିତ ହୋଇଥିଲା । କୋଡ଼ିଏ ବର୍ଷର ଯୁବକ ବିଶ୍ୱପ୍ରକାଶ ନିଜ ପରିବାରର ମଧ୍ୟଯୁଗୀୟ ଚିନ୍ତାଧାରା ବିରୁଦ୍ଧରେ ଅହରହ ସଂଗ୍ରାମ କରିଚାଲିଥିଲା, ଜୀବନକୁ ଏକ ନୂତନ ଦୃଷ୍ଟିଭଙ୍ଗୀ ନେଇ ଦେଖିବାର ପ୍ରୟାସ କରୁଥିଲା । ଓଡ଼ିଆ ସମାନ୍ତରାଳ ସିନେମାଜଗତରେ ଆଉ ଜଣେ ସଫଳ ଚଳଚ୍ଚିତ୍ର ନିର୍ଦ୍ଦେଶକ ହେଉଛନ୍ତି ପ୍ରଫୁଲ୍ଲ ମହାନ୍ତି, ଯିଏକି ଗୋଦାବରୀଶ ମହାପାତ୍ରଙ୍କ ବହୁଚର୍ଚ୍ଚିତ କାହାଣୀ 'ମାଗୁଣିର ଶଗଡ଼'କୁ ଚିତ୍ରରୂପ ଦେଇଥିଲେ । ସମୟ ଏବଂ ସଭ୍ୟତାର ପ୍ରଗତି ସହ ଅତୀତରେ ଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପରିବହନର ମାଧ୍ୟମ ଶଗଡ଼ କିପରି ଅଦରକାରୀ ଦ୍ରବ୍ୟରେ ପରିଣତ ହୁଏ ଏହାହିଁ 'ମାଗୁଣିର ଶଗଡ଼' ଚିତ୍ରର କାହାଣୀ । ୨୦୦୨ରେ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ସ୍ୱୟଂସିଦ୍ଧା' ଇଣ୍ଡିଆନ୍ ? ପାନୋରମାରେ ପ୍ରଦର୍ଶିତ ହୋଇଥିଲା । ଆଦିବାସୀ ଅଧୁଷିତ ଅଂଚଳରେ ବେକାରି ସମସ୍ୟା ଯୋଗୁଁ ସେଠାକାର ଯୁବକ-ଯୁବତୀ ସମାଜର ମୂଳସ୍ରୋତରୁ ବିଚ୍ଛିନ୍ନ ହେବା ସହ ମାଓବାଦୀ ସଙ୍ଗଠନରେ ଯୋଗଦେଇ କିପରି ହିଂସାର ପଥ ବାଛି ନେଉଛନ୍ତି ଏହାହିଁ 'ସ୍ୱୟଂସିଦ୍ଧା'ର କାହାଣୀ । ୨୦୧୩ ଏବଂ ୨୦୧୪ରେ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ କୋଶଳି ଭାଷାରେ ନିର୍ମିତ 'ଶଳାବୁଢ଼ା' ଓ 'ଆଦିମ ବିଚାର' ପ୍ରଦର୍ଶିତ ହୋଇଥିଲା । ବାପା କପିଳ ପ୍ରସାଦ ମହାପାତ୍ରଙ୍କ କାହାଣୀକୁ ଚିତ୍ରରୂପ ଦେଇଥିଲେ ସବ୍ୟସାଚୀ । ୮୪ ବର୍ଷୀୟ କନ୍ଧସମାଜର ପ୍ରତିନିଧିତ୍ୱ କରୁଥିବା ସୁକ୍ରୁ ମାଝୀ ହିଁ ଦୁଇଟି ଚଳଚ୍ଚିତ୍ରର ମୁଖ୍ୟନାୟକ । 'ଶଳାବୁଢ଼ା'ର ସିକ୍ୟୁଏଲ୍ ? ଥିଲା 'ଆଦିମ ବିଚାର' । ଉଭୟ 'ଶଳାବୁଢ଼ା' ଓ 'ଆଦିମ ବିଚାର' ପ୍ରାଚୀନ ପରମ୍ପରା ଓ ଏକ ମୂଲ୍ୟବୋଧର କାହାଣୀ । ଏହା ଓଡ଼ିଶାରେ ବାସ କରୁଥିବା କନ୍ଧ ସମ୍ପ୍ରଦାୟର କାହାଣୀ । ସେମାନଙ୍କ ଜୀବନ ଗୀତ ଓ ନୃତ୍ୟରେ ପରିପୂର୍ଣ୍ଣ । ମାତ୍ର ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ଥିବା ଅର୍ଦ୍ଧଶିକ୍ଷିତ ସ୍ୱାର୍ଥପର ଓ ଟାଉଟରମାନେ ନିଜ ଉଦ୍ଦେଶ୍ୟ ସାଧନ ପାଇଁ ଶାନ୍ତିପୂର୍ଣ୍ଣ ଜନଜାତିକୁ କିଭଳି ବିଭ୍ରାନ୍ତ କରୁଛନ୍ତି ଏବଂ ସୁକ୍ରୁ ମାଝୀ କିପରି ତାକୁ ସାମ୍ନା କରୁଛି ଏହାହିଁ ଏହି ଦୁଇଟି ଚିତ୍ରର କାହାଣୀ । ୨୦୧୭ରେ ଅନୁଷ୍ଠିତ ୪୮ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ 'କ୍ଷଣିକା' ଭାରତୀୟ ପାନୋରମା ବିଭାଗରେ ପ୍ରଦର୍ଶିତ ହେବାର ଗୌରବ ଅର୍ଜନ କରିଥିଲା । ଗ୍ରାମାଂଚଳରେ ବାସ କରୁଥିବା ଜଣେ କବି ଓ ଚିତ୍ରକରଙ୍କ ନିଜ ନିଜର ପରିକଳ୍ପିତ କାହାଣୀର ନିର୍ଯାସକୁ ନେଇ ଏହି ଚଳଚ୍ଚିତ୍ରଟିର କାହାଣୀ ଗତିଶୀଳ । ୨୦୨୦ରେ ଅନୁଷ୍ଠିତ ୫୧ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବର ଭାରତୀୟ ପାନୋରମା ବିଭାଗରେ ନୀଳାମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଚିତ୍ର 'କାଲିର ଅତୀତ' ପ୍ରଦର୍ଶିତ ହୋଇଥିଲା । 'କାଲିର ଅତୀତ' ସମୁଦ୍ର ଗର୍ଭରେ କ୍ରମେକ୍ରମେ ହଜିଯାଉଥିବା ସାତଭାୟା ଅଂଚଳକୁ ନେଇ ନିର୍ମିତ । ଅତୀତର ଦର୍ପଣରେ ମଣିଷ ସମାଜର ଭବିଷ୍ୟତ କାହାଣୀ । ଚଳଚ୍ଚିତ୍ରର ମୁଖ୍ୟ ନାୟକ ଗୁନୁ ନିଜର ପୁରୁଣା ଜୀବନକୁ ଫେରୁଛି । ତା'ର ପୁରୁଣା ଜୀବନରେ ରହିଛି ସମୁଦ୍ର ଭିତରେ ବୁଡ଼ିଯାଉଥିବା ଗୋଟେ ଗାଁ ଓ ୧୯୯୯ ମହାବାତ୍ୟାରେ ଉଜୁଡ଼ି ଯାଇଥିବା ପରିବାର । ଗୋଟିଏ ବାତ୍ୟାରୁ ଆଉ ଗୋଟେ ବାତ୍ୟାର ସ୍ମୃତିକୁ ଫେରିବାର ଏକ ଚମତ୍କାର କାହାଣୀ ଏ ଚଳଚ୍ଚିତ୍ରରେ ରହିଛି । ଗୁନୁ ସହିତ ସମୁଦ୍ର ସ୍ମୃତି ଓ ମୃତ୍ୟୁର ଏକ ବିସ୍ତୃତ କୋଲାଜ ହିଁ 'କାଲିର ଅତୀତ' ଚଳଚ୍ଚିତ୍ରର ଅନ୍ୟ ଏକ ବୈଶିଷ୍ଟ୍ୟ । ଗୋଆଠାରେ ୨୦୨୨ ନଭେମ୍ବର ୨୦ ତାରିଖରୁ ୨୮ ତାରିଖ ଯାଏ ଅନୁଷ୍ଠିତ ୫୩ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହେବା ପାଇଁ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ମନୋନୀତ ହୋଇଥିଲା । ବିଶିଷ୍ଟ କଥାକାର ଗୌରହରି ଦାସଙ୍କ 'ବାପା' ଗଳ୍ପ ଅବଲମ୍ବନରେ ନିର୍ମିତ ଏ ଚଳଚ୍ଚିତ୍ର ଏକ ମଧ୍ୟବିତ ପରିବାର ସୁଖ, ଦୁଃଖ, ହସ, କାନ୍ଦ ଓ ସଂଘର୍ଷର କାହାଣୀ ଉପରେ ଆଧାରିତ ଥିଲା । ଇଣ୍ଡିଆନ୍ ପାନୋରାମାରେ ପ୍ରଦର୍ଶିତ ଓଡ଼ିଆ ଚଳଚ୍ଚିତ୍ର ବ୍ୟତୀତ ୪୧ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ୫ଟି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହି ଚଳଚ୍ଚିତ୍ରଗୁଡ଼ିକ ହେଲା ଏ.କେ. ବୀରଙ୍କ ନିର୍ଦ୍ଦେଶିତ 'ଆଦିମୀମାଂସା', ନୀରଦ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ମାୟାମିରିଗ', ମନମୋହନ ମହାପାତ୍ରଙ୍କ 'କ୍ଳାନ୍ତ ଅପରାହ୍ଣ', ସୁଶାନ୍ତ ମିଶ୍ରଙ୍କ ନିର୍ଦ୍ଦେଶିତ 'ଇନ୍ଦ୍ରଧନୁର ଛାଇ' ଏବଂ ପ୍ରଶାନ୍ତ ନନ୍ଦ ନିର୍ଦ୍ଦେଶିତ 'ଜୀଅନ୍ତା ଭୂତ' । ଏହାବ୍ୟତୀତ ଓଡ଼ିଶାର ପ୍ରଖ୍ୟାତ ଅଭିନେତା, ନିର୍ଦ୍ଦେଶକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ୫୧ତମ ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ବିପ୍ଳବ ରାୟଚୌଧୁରୀ ନିର୍ଦ୍ଦେଶିତ ଏବଂ ବିଜୟ ମହାନ୍ତିଙ୍କ ଅଭିନୀତ 'ଚିଲିକା ତୀରେ', ଅଜିତ ଦାଶଙ୍କ ଅଭିନୀତ ତଥା ଡଲି ଜେନା ନିର୍ଦ୍ଦେଶିତ 'ତାରା' ଏବଂ ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶେଷ ଓଡ଼ିଆ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପ୍ରଦର୍ଶିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ଅଭିନେତା ବିଜୟ ମହାନ୍ତି, ଅଜିତ୍ ଦାସ ଏବଂ ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ ବିଗତ ବର୍ଷ ପରଲୋକ ଘଟିଛି । ସାମଗ୍ରିକ ଭାବେ ବିଚାର କଲେ ଦେଖାଯିବ ଯେ ଏଯାବତ୍ 'ଇଣ୍ଡିଆନ୍ ପାନୋରମା' ବିଭାଗରେ ପ୍ରଦର୍ଶିତ ପାଇଁ ଅଧିକାଂଶ ଚଳଚ୍ଚିତ୍ର ଓଡ଼ିଆ ସିନେମାରେ ଭିନ୍ନଧାରାର ପ୍ରତିନିଧି । ବ୍ୟବସାୟିକ ଚଳଚ୍ଚିତ୍ର ଅପେକ୍ଷା କଳାତ୍ମକ ଓଡ଼ିଆ ଚଳଚ୍ଚିତ୍ର ହିଁ ଏହି ପର୍ଯ୍ୟାୟରେ ଅଧିକ ମନୋନୀତ ହୋଇଛି । ୧୯୭୮ରୁ ଆରମ୍ଭ ହୋଇଥିବା ଏହି ବିଭାଗ ଆଗାମୀ ନଭେମ୍ବର ୨୦ ତାରିଖରେ ୫୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏଯାବତ୍ ? ମାତ୍ର ୧୯ଟି ଓଡ଼ିଆ ଚଳଚ୍ଚିତ୍ର ଏହି ପର୍ଯ୍ୟାୟରେ ମନୋନୀତ ହେବା ନିଶ୍ଚିତ ଭାବେ ଓଡ଼ିଆ ସିନେମା ପାଇଁ ଦୁର୍ଭାଗ୍ୟଜନକ ।

ଏମ୍ସିଡ-୧୦, ବ୍ରିଟ୍ କଲୋନୀ
ବଡ଼ଗଡ଼, ଭୁବନେଶ୍ୱର-
୭୫୧୦୧୮
ଦୂରଭାଷ: ୯୮୬୧୦୮୭୪୯୭

# ଲାଂଚ ନେଇ ପୂର୍ବତଟ ରେଳବାଇ ସିବିଆଇ ଦ୍ୱାରା ଡି ଆର୍ ଏମ ଗିରଫ



ରାୟଗଡ଼ା (ନିପ୍ର): ୱାଲ୍ଟିୟର ଡିଭିଜନର ଡି ଆର୍ ଏମ ସୌରଭ ପ୍ରାସାଦ ସି ବି ଆଇ ଦ୍ୱାରା ଗିରଫ । ପୂର୍ବ ତଟ ରେଳବାଇର ଡି ଆର୍ ଏମ ଏକ ୩.୧୭ କୋଟି ର ଏକ ବିଲ୍ କରିବା ପାଇଁ ୨୫ ଲକ୍ଷ ଟଙ୍କା ଲାଂଚ ନେବାବେଳେ ଗିରଫ କରିଛି ସି ବି ଆଇ । ଏହି ଅବସରରେ ତାଙ୍କ ନିକଟରୁ ସର୍ଚ୍ଚ ସମୟରେ ୮୭ ଲକ୍ଷ ୬ ହଜାର ନଗଦ ଟଙ୍କା ଓ ୭୨ ଲକ୍ଷ ଟଙ୍କାର ସୁନା ଗହଣା ସହ ଅନେକ ପ୍ରପର୍ଟି ଡକ୍ୟୁମେଂଟ ଓ ଲକର ଜବତ ହୋଇଥିବା ସୂଚନା ମିଳିଛି । ପୁନେର ଡି ଏନ୍ ମାର୍କେଟିଂ ଓ ଏମ ଏସ ଏଚ ଆର୍ କେ ସଲ୍ୟୁସନର ଦୁଇ ଜଣ ପ୍ରୋପରିଟର ଅନିଲ ରାଠୋର ଓ ଆନନ୍ଦ ଭଗତଙ୍କ ନିକଟରୁ ଏହି ଲାଂଚ ନେଉଥିବା ଗିରଫ କରିଛି । ଏହି ମାମଲାରେ ସିବିଆଇ ଡି ଆର୍ ଏମ ଏବଂ ଉକ୍ତ ଦୁଇ ପ୍ରୋପରିଟର ଙ୍କ ନାଁ ରେ ମାମଲା ରୁଜୁ କରି ଗିରଫ କରିଥିବା ସୂଚନା ମିଳିଛି । ଏହି ଲାଂଚ କାରବାର ଏକ ମେକାନିକାଲ ବ୍ରାଂଚର କାର୍ଯ୍ୟ କୁ ନେଇ ଉକ୍ତ ପ୍ରୋପରିଟରଙ୍କ ପେନାଲଟି କୋହଳ କରିବାକୁ ନେଇଥିବା ସୂଚନା ମିଳିଛି । ଗତ ଦୁଇଦିନ ହେଲା ଏହି ସର୍ଚ୍ଚ ଅପରେସନ ମୁମ୍ବାଇ, ପୁନେ ଓ ଭାଇଜାଗର ତାଙ୍କ କାର୍ଯ୍ୟାଳୟ ଓ ବାସଭବନରେ ଚାଲିଥିଲା । ହେଲେ ଗତକାଲି ଡି ଆର୍ ଏମ ଶ୍ରୀ କୁମାରଙ୍କୁ ଗିରଫ କରିଛି । ଦିଲ୍ଲୀରୁ ଆସିଥିବା ଏହି ସି ବି ଆଇ ଟିମ୍ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଆଲୋଚନା ହେଉଛି ।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା




ରାଇରଙ୍ଗପୁର (ନିପ୍ର): ମୟୂରଭଞ୍ଜ ଜିଲ୍ଲା ବହଳଦା 'ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ' (ଇଏମ୍ଆରଏସ୍)ରେ ୫ମ ରାଜ୍ୟସ୍ତରୀୟ ଆନ୍ତଃ ଇଏମ୍ଆରଏସ୍ ଦୌଡ଼କୁଦ ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଛି । ଉଦ୍ଘାଟନୀ ଉତ୍ସବରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ମୁଖ୍ୟଅତିଥି ରୂପେ ଯୋଗଦେଇ, ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖି କ୍ରୀଡ଼ା ଦ୍ୱାରା ନିଜକୁ ସୁସ୍ଥସବଳ ରଖି ମନ ଓ ବୁଦ୍ଧିର ବିକାଶ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ନୂତନ ଦେଶ ଓ ସଶକ୍ତ ଭାରତ ଗଠନରେ ବିଦ୍ୟାର୍ଥୀମାନଙ୍କ ଭୂମିକା ଓ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସାଂସଦ ପ୍ରକାଶ କରିଥିଲେ । ସାମ୍ବାଦିକ ତୁଷାରକାନ୍ତ ମହାନ୍ତ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ । ବହଳଦା ଇଏମ୍ଆରଏସ୍ର ପ୍ରିନ୍ସିପାଲ ବଳରାମ ବାରିକ ଅତିଥି ପରିଚୟ ପ୍ରଦାନ ସହ ଉଦ୍ଘାଟନୀ ଅଭିଭାଷଣ ରଖିଥିଲେ । ଏକଲବ୍ୟ ସ୍କୁଲର ପ୍ରିନ୍ସିପାଲ ମାନସିଂ ବୈରୱା ଧନ୍ୟବାଦ ଅର୍ପଣ କରିଥିଲେ । ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରି ୧୦୦ମିଟର ବାଳକ ଓ ବାଳିକା ଫାଇନାଲ ଦୌଡ଼ ପ୍ରତିଯୋଗିତାକୁ ପତାକା ଦେଖାଇ ଆରମ୍ଭ କରିଥଲେ । ଜାତୀୟ ସ୍କୁଲ ରଗବୀ ଖେଳାଳୀ ଜିତେନ୍ଦ୍ର ସିଂହ ୨୦୦ମି ଦୌଡ଼ ପ୍ରତିଯୋଗିତାକୁ ପତାକା ଦେଖାଇ ଆଗେଇ ନେଇଥିଲେ । ଏହି ଦ୍ୱିଦିବସୀୟ ରାଜ୍ୟସ୍ତରୀୟ ସ୍କୁଲ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରେ ଥିବା ମୋଟ ୩୯ଟି ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ମଧ୍ୟରୁ ୨୮ଟି ସ୍କୁଲର ୬୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ୧୦୦ମି, ୨୦୦ମି ଓ ୪୦୦ମି ଦୌଡ଼ ଏବଂ ୧୦୦ମି .୪ରିଲେ ଓ ୪୦୦ମି.୪ ରିଲେ ଇଭେଂଟସ୍ ପାଇଁ ଉଭୟ ଜୁନିଅର ଓ ସିନିୟର ବିଭାଗର ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ସୂଚନା ମିଳିଛି ।

# ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା (ନିପ୍ର): ବାରିପଦାର ତୁଳସୀଚଉରାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ ବାରିପଦା ତରଫରୁ ଉକ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉକ୍ତ ଫାଇନାନ୍ସର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଓ ତାଙ୍କ ସହଯୋଗୀ ଷ୍ଟାଫ୍ଙ୍କ ଦ୍ୱାରା ବିଭିନ୍ନ ବିଷୟରେ ଚିତ୍ରମାନ ଆଙ୍କିବାପାଇଁ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଶିଶୁ ବିକାଶ ବିଦ୍ୟା ମନ୍ଦିର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ ପ୍ରଥମ, ଅନୁସୟା ବେହେରା ଦ୍ୱିତୀୟ ଓ ପ୍ରତୀକ କୁମାର ବେହେରା ତୃତୀୟ ସ୍ଥାନ ଅଧିକାର କରି ଉକ୍ତ ସଂସ୍ଥା ଦ୍ୱାରା ପୁରସ୍କାର ବିତରଣ କରାଯାଇଛି । ଦିବ୍ୟଜୋତି ଶିକ୍ଷା ଅନୁଷ୍ଠାନର ସମ୍ପାଦିକା ଅନିତା ବେହେରା, ଶିଶୁ ବିକାଶ ବିଦ୍ୟା ମନ୍ଦିରର ସୁସ୍ମିତା ରାୟ, ପ୍ରିୟା ସାମଲ, ଲିଳିମା ଦାସ ଆଦି ଗୁରୁମା ଉକ୍ତ କର୍ମିଡିସନକୁ ପରିଚାଳନା କରିଥିଲେ । ତେଜସ ଏଜୁ୍ୟକେଶନାଲ ଟ୍ରଷ୍ଟର ସମ୍ପାଦକ ବିନୟ କୁମାର ମାଣ୍ଡଇ ଛାତ୍ରଛାତ୍ରୀ ମାନଙ୍କୁ ବିର୍ସାମୁଣ୍ଡାଙ୍କ ଉପରେ ବୁଝାଇ କହିବାସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫୁଟବଲ ଟୁର୍ନାମେଂଟ ଉଦ୍ଯାପିତ

ଖଇରା (ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଇଥଗଡିଆ ରଥଗଡା ପଡିଆରେ ଆୟୋଜିତ ପାତ୍ରଖ୍ଯା ଫୁଟବଲ ଟୁର୍ନାମେଂଟରବିବାର ଉଦ୍ଯାପିତ ହୋଇ ଯାଇଛି । ଫାଇନାଲ ମ୍ୟାଚରେ ବଣସାହି ର ବାସୁଳି ଫୁଟବଲ ଟୁର୍ନାମେଂଟ ଦାମୋଦରପୁର ଗ୍ରାମର ମା ଥାନପତି କ୍ଲବକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି । ପୁରସ୍କାର ବିତରଣୀ ଉତ୍ସବରେ ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମିତିସଭ୍ୟ ନରୋତମ ମହିମା ଜେନା, ଉଦୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବିଜୟୀ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଅର୍ଜୁନ ପାଇକରାୟ ରେଫେରୀ ଦାୟିତ୍ୱ ତୁଲାଇଥିଲେ । ବାମଦେବ ପାତ୍ର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ନରେଶ ଜେନା, ଶୁଭାଷିଶ ଜେନା, ବାବୁଲି ବାରିକ, ବନମାଳୀ ସିଂ, ଶ୍ରବଣ କୁମାର ପାତ୍ର ପରିଚାଳନା କରିଥିଲେ ।

# ବିଧାୟକଙ୍କ ବିୟୋଗରେ ରାଜ୍ୟପାଳଙ୍କ ଶୋକ

ଭୁବନେଶ୍ୱର: ଛତ୍ରୁରାମ ମହତୋଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଛତ୍ରୁରାମ ମହତୋଙ୍କ ବିୟୋଗର ଦୁଃଖଦ ଖବର ମିଳିଲା । ମହାପ୍ରଭୁ ଜଗନ୍ନାଙ୍କ ଦିବଂଗତ ଆତ୍ମାକୁ ଶାନ୍ତି ଓ ତାଙ୍କ ପରିଜନଙ୍କୁ ଦୁଃଖ ସହିବାର ଶକ୍ତି ପ୍ରଦାନ କରନ୍ତୁ । ଓମ୍ ଶାନ୍ତି ।

# ୬ଟି ଦେଶର ରାଷ୍ଟ୍ରଦୂତଙ୍କ ପରିଚୟପତ୍ର ଗ୍ରହଣ କଲେ ରାଷ୍ଟ୍ରପତି


ସ୍ୱିଜରଲ୍ୟାଣ୍ଡର ରାଷ୍ଟ୍ରଦୂତ ଶ୍ରୀମତୀ ମାୟା ଟିସାଫି


ପାପୁଆ ନ୍ୟୁ ଗିନିର ହାଇ କମିଶନର ଭିନସେଂଟ ସୁମାଲେ


ମିଆଁମାର ରିପବ୍ଲିକ୍ ଅଫ୍ ୟୁନିଅନର ରାଷ୍ଟ୍ରଦୂତ ଜାଓ ଓଓ


ଜୋର୍ଡାନ ହାସିମାଇଟ୍ ରାଜ୍ୟର ରାଷ୍ଟ୍ରଦୂତ ୟୋସେଫ୍ ମୁସ୍ତାଫା ଅଲି ଅବଦେଲ ଘାନି


ଦକ୍ଷିଣ ଆଫ୍ରିକା ଗଣତନ୍ତ୍ରର ଉଚ୍ଚ କମିଶନର ପ୍ରଫେସର ଅନିଲ ସୁକଲାଲ


ଇଜିପ୍ଟର ଆରବ ରିପବ୍ଲିକର ରାଷ୍ଟ୍ରଦୂତ କାମେଲ ଜାଏଦ କାମେଲ ଗାଲାଲ



## ବ୍ରାଜିଲ୍‌ରେ ଭାରତୀୟ ପ୍ରବାସୀମାନେ ବୈଦିକ ମନ୍ତ୍ର ସହିତ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କଲେ



ନୂଆଦିଲ୍ଲୀ : ୩ ଦେଶର ଯାତ୍ରାରେ ବାହାରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ବ୍ରାଜିଲ୍ ରେ ପହଂଚିଛନ୍ତି ଏବଂ ସେଠାରେ ଭାରତୀୟ ପ୍ରବାସୀ ମାନେ ପାରମ୍ପରିକ ହିନ୍ଦୁ ରୀତିନୀତି ଅନୁସାରେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ରାଜଦୂତ ସୁରେଶ ରେଡ୍ଡିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମାନେ ରିୟୋ ଡି ଜେନେରିୟୋରେ ତାଙ୍କର ସ୍ୱାଗତ କରିଛନ୍ତି । ରିୟୋ ଡି ଜେନେରିୟୋରେ ପାରମ୍ପରିକ ପୋଷାକ ପରିଧାନ କରିଥିବା ବିଦ୍ୱାନ ସମୂହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ସଂସ୍କୃତ ଶ୍ଳୋକର ଉଚ୍ଚାରଣ କରିଥିଲେ । ମହିଳା ମାନେ ପାରମ୍ପରିକ ବସ୍ତ୍ର ପରିଧାନ କରି ଗରବା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସ ରେ ଟ୍ୱିଟ୍ କରି ଲେଖିଛନ୍ତି ଯେ, ଜି-୨୦ ଶିଖର ସମ୍ମିଳନୀରେ ଭାଗ ନେବା ନିମନ୍ତେ ବ୍ରାଜିଲ ର ରିୟୋ ଡି ଜେନେରିୟୋରେ ପହଂଚିଛି । ମୁଁ ଶିଖର ସମ୍ମିଳନୀରେ ହେବାକୁ ଥିବା ଆଲୋଚନା ଏବଂ ବିଶ୍ୱ ନେତା ମାନଙ୍କ ସହିତ ଉପଯୋଗୀ କଥାବାର୍ତ୍ତା ନିମନ୍ତେ ପ୍ରତୀକ୍ଷା କରିଛି । ସେ ଏକ୍ସ ରେ ଅନ୍ୟ ଏକ ପୋଷ୍ଟ ରେ ଲେଖିଛନ୍ତି ଯେ, ରିୟୋ ଡି ଜେନେରିୟୋରେ ପହଂଚିବା ପରେ ଭାରତୀୟ ସମୁଦାୟ ଦ୍ୱାରା ମୋତେ ଦିଆଯାଇଥିବା ଜୀବନ୍ତ ସ୍ୱାଗତରେ ମୁଁ ଅତ୍ୟନ୍ତ ଅଭିଭୂତ ।

## ଗୋଧ୍ରା ଟ୍ରାଜେଡି ଉପରେ ନିର୍ମିତ ଫିଲ୍ମ 'ସାବରମତୀ ରିପୋର୍ଟ'ର ପ୍ରଶଂସା କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୋଧ୍ରା କାଣ୍ଡ ଉପରେ ନିର୍ମିତ ଫିଲ୍ମ 'ସାବରମତୀ ରିପୋର୍ଟ'ର ପ୍ରଶଂସା କରି ସୋମବାର କହିଛନ୍ତି ଯେ, ଏହି ଫିଲ୍ମ ସାହସ ସହିତ ଇକୋସିଷ୍ଟମକୁ ଚ୍ୟାଲେଂଜ ଦେଉଛି । ଏହି ଫିଲ୍ମ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପଛରେ ଥିବା ସତ୍ୟତାକୁ ଆଲୋକିତ କରୁଛି ବୋଲି ସେ ସବୁବେଳେ ଅନ୍ଧାରରେ ଲୁଚାଇପାରିବେ ନାହିଁ । ଫିଲ୍ମ ସାବରମତୀ ରିପୋର୍ଟ ଅଦ୍ୱିତୀୟ ସାହସର ସହିତ ପରିସ୍ଥିତିକି ତନ୍ତ୍ରକୁ ଚ୍ୟାଲେଂଜ ଦେଇଛି ଏବଂ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ପଛର ସତ୍ୟତାକୁ ଦିନର ଆଲୋକରେ ଉଜାଗର କରିଛି । ବିକ୍ରାନ୍ତ ମୈସୀ ଅଭିନୀତ ଏହି ଫିଲ୍ମ ଗୁଜରାଟରେ



କହିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏକ୍ସ ପୋଷ୍ଟରେ କହିଛନ୍ତି ଯେ, କୌଣସି ବି ଶକ୍ତିଶାଳୀ ଇକୋସିଷ୍ଟମ କେତେ ବି ଉଦ୍ୟମ କରୁ ଯେ, ସେମାନେ ସତକୁ ୨୦୦୨ରେ କାରସେବକଙ୍କ ଭର୍ତ୍ତି ସାବରମତୀ ଏକ୍ସପ୍ରେସ ଟ୍ରେନରେ ଏକ ନିର୍ଦ୍ଦିଷ୍ଟ ସମୁଦାୟଙ୍କ ଦ୍ୱାରା ନିଆଁ ଲଗାଯିବା ଘଟଣା ଉପରେ ଆଧାରିତ ଅଟେ ।

## ସମ୍ବଲପୁରରେ ମତ୍ସ୍ୟ ସମ୍ପଦ ବିଭାଗର ନୂତନ ଗୃହ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ସମ୍ବଲପୁର : ମତ୍ସ୍ୟ ପାଳନକୁ ଅଗ୍ରାଧିକାର ଦେବା ସହ ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ପିଏମ ମତ୍ସ୍ୟ ସମ୍ପଦ ଯୋଜନା' ଆରମ୍ଭ କରିଛନ୍ତି । ଆଗାମୀ ବର୍ଷମାନଙ୍କରେ ମତ୍ସ୍ୟ ଉତ୍ପାଦନ ସହ ମାଛ ରପ୍ତାନୀକୁ ଦୁଇଗୁଣା କରିବା ଏବଂ ମତ୍ସ୍ୟ ବିଭାଗ କ୍ଷେତ୍ରରେ ରୋଜଗାରର ଲକ୍ଷ-ଲକ୍ଷ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ବିହିତ ପଦକ୍ଷେପ ନେଇଛନ୍ତି ବୋଲି ସୋମବାର ସମ୍ବଲପୁର ଜିଲ୍ଲାର ବହିଦାର ନୂଆପାଲି ଠାରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ସମ୍ପଦ ବିଭାଗର ଏକ ନୂତନ ଗୃହ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମାଛ ଚାଷ ଉତ୍ପାଦନ ବୃଦ୍ଧି କରିବା ଦିଗରେ ପରୀକ୍ଷା ନୀରିକ୍ଷା କରିବା ପାଇଁ ଏହି ନୂତନ ଭବନରେ ମତ୍ସ୍ୟ ବିଭାଗର ଜିଲ୍ଲା ଓ ଜୋନାଲ କାର୍ଯ୍ୟାଳୟ ସହିତ ଆକ୍ୱା ଲ୍ୟାବ୍ ଭବନ ମଧ୍ୟ ରହିଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ମାଛର ସ୍ଥାନ ସ୍ୱତନ୍ତ୍ର । ଅପାର ସମ୍ଭାବନାର ଅଂଚଳ ହୀରାକୁଦ ଓ ଆଖପାଖ ଅଂଚଳରେ ଉତ୍ପାଦନ ହେଉଥିବା କୁଡୋ ମାଛର ଚାହିଦା ରାଜ୍ୟ ବାହାରେ ଅଧିକ ରହିଛି । ସେହି ମାଛ ଚାଷକୁ



ପ୍ରୋତ୍ସାହନ ଦେବା ଦିଗରେ ମଧ ଆଜିର ନୂତନ ଭବନ ସହାୟକ ହେବ । ଓଡ଼ିଶାରେ ପୂର୍ବ ସରକାର ନାମକୁ ମାତ୍ର ଏହି ସବୁ ବିଭାଗ କାର୍ଯ୍ୟ ପରିଚାଳନା କରୁଥିଲେ । ଏହି କାରଣରୁ ମତ୍ସ୍ୟଚାଷୀମାନେ ଚାଷର ପ୍ରତ୍ୟକ୍ଷ ଲାଭରୁ ବଂଚିତ ହେଉଥିଲେ । ମାତ୍ର ଓଡ଼ିଶାରେ ବିଜେପିର ନୂଆ ସରକାର ଗଠନ ହେବା ପରେ ରାଜ୍ୟ ଅର୍ଥନୀତିରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଚାଷ ପାଇଁ ବ୍ୟାପକ ସରକାରୀ ପଦକ୍ଷେପ ଗ୍ରହଣ କରାଯାଉଛି । ସମ୍ବଲପୁର, ଦେବଗଡ଼, ବରଗଡ ଜିଲ୍ଲାରେ ମାଛ ଚାଷକୁ ଦୁଇ ଗୁଣିତ କରିବା ପାଇଁ ଆଜି ଏପରି ପଦକ୍ଷେପ ନିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ସରକାରଙ୍କ ସହଯୋଗରେ ଏହି ଅଂଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଏକ 'ମତ୍ସ୍ୟ ପାର୍କ' କରାଯିବାର ଯୋଜନା କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ପାଖାପାଖି ୮୦୦ କୋଟି ଟଙ୍କା ବ୍ୟୟରେ ହୀରାକୁଦ କେନାଲକୁ ବିକଶିତ କରିବା ପାଇଁ ଯୋଜନା ହୋଇଛି । ଧାନ ଚାଷ, ମତ୍ସ୍ୟଚାଷ, ଗୋପାଳନ, ଛେଳି ଚାଷ ବିଶେଷକରି ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଖାଦ୍ୟ, ପୋଷଣ ଏବଂ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଛି । ଏ ଦିଗରେ ବିଜେପିର ଡବଲ ଇଞ୍ଜିନ ସରକାର ସବୁ ବର୍ଗର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ସୁଭଦ୍ରା ଯୋଜନାରେ ସରକାରଙ୍କ ଠାରୁ ସହାୟତା ପାଉଥିବା ମହିଳାମାନେ ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ଭଳି ଏହି ସବୁ ଚାଷକୁ ପ୍ରୋତ୍ସାହନ କରିବା ପାଇଁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଚାଷୀଙ୍କ ଆୟ ବଢ଼ିଲେ ପରିବାର ଓ ସମାଜ ଏବଂ ସ୍ଥାନୀୟ ଅର୍ଥନୀତି ମଜଭୂତ୍ ହେବ । ୨୦୩୬ ମସିହା ସୁଦ୍ଧା ମାଛ ଉତ୍ପାଦନରେ ଆମ ରାଜ୍ୟ ୧ ନମ୍ବର ରାଜ୍ୟରେ ପରିଣତ ହେବା ଲକ୍ଷ୍ୟରେ କାମ କରିବାକି ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ଗ୍ରାମୀଣ ବିକାଶ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଓ ସମ୍ବଲପୁର ବିଧାୟକ ଶ୍ରୀ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସୋହେଲାରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଧାନକିଣା ଆରମ୍ଭ ହେବ: କେ.ଭି. ସିଂହଦେଓ

ଭୁବନେଶ୍ୱର: ଦିନକ ପରେ ଧାନକିଣା ଆରମ୍ଭ ହେବାକୁ



ଯାଉଥିବା ବେଳେ ପୁଣି ଉଠିଛି କଟ୍‌ନି ଛଟ୍‌ନି ପ୍ରସଙ୍ଗ । ଏନେଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି, ମନ ଇଚ୍ଛା କଟନି ଛଟନି ହେବ ନାହିଁ, ଯେତେ କମ୍ ହେବ । ଯେଉଁଠି ଏଫ.ଏ.କ୍ୟୁ ମାନ କମ୍ ଥିବ ଏବଂ ଧାନରେ ଆର୍ଦ୍ରତା ଥିବ, ସେଠାରେ କେତେ ପ୍ରତିଶତ କଢ଼ାଯିବ, ତାହା ନିର୍ଦ୍ଧାରିତ କରାଯିବ । ତେବେ ସୁରୁଖୁରୁରେ କିଭଳି ଧାନ କିଣା ହେବ, ସେନେଇ ପ୍ରସ୍ତୁତି ହୋଇଥିବା କହିଛନ୍ତି କେଭି ସିଂହଦେଓ । ଏଇ ୨୦ ତାରିଖରେ ବରଗଡ଼ ଜିଲ୍ଲାର ସୋହେଲାରେ ଧାନକିଣା ଆରମ୍ଭ ହେବ । ଏକ ବିରାଟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଖୋଲାଯିବ ମଣ୍ଡି । ସେ ଆହୁରି କହିଛନ୍ତି, ଧାନ କିଣାର ଗୋଟେ ସ୍ଲିପ ଚାଷୀ ଏବଂ ଆଉ ଗୋଟେ ସ୍ଲିପ୍ ସରକାରଙ୍କ ପାଖରେ ରହିବ । ଏଇ ୨୦ ତାରିଖରେ ବରଗଡ଼ ଜିଲ୍ଲାର ସୋହେଲାରେ ଧାନକିଣା ଆରମ୍ଭ ହେବ । ଏକ ବିରାଟ ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଖୋଲାଯିବ ମଣ୍ଡି ।

## ମାଟ୍ରିକ ପରୀକ୍ଷା ପାଇଁ ବଢ଼ିଲା ଫର୍ମ ପୂରଣ ଅବଧି

କଟକ : ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ ଅବଧିକୁ ବୃଦ୍ଧି କରିଛି




ମାଧ୍ୟମିକ ଶିକ୍ଷା ପରିଷଦ । ଆଜି ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି । ୧୮ ଅର୍ଥାତ୍ ଆଜି ଫର୍ମ ପୂରଣର ଶେଷ ତାରିଖ ଥିବାବେଳେ ନଭେମ୍ବର ୨୫ ତାରିଖ ପର୍ଯ୍ୟନ୍ତ ମାଟ୍ରିକ୍ ଫର୍ମ ପୂରଣ ଅବଧିକୁ ବଢ଼ାଇଛି ବୋର୍ଡ । ସେହିପରି SOSC ପରୀକ୍ଷା ୨୦୨୫ (ପ୍ରଥମ) ପାଇଁ ମଧ ଫର୍ମ ପୂରଣ ଅବଧିକୁ ମଧ ବୃଦ୍ଧି କରାଯାଇଛି । ତେବେ ଏହା ଶେଷ ପ୍ରକ୍ରିୟା ଏବଂ ଏହା ପରେ ଆଉ ଫର୍ମ ପୂରଣ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ପାଇଁ ନଭେମ୍ବର ୩ ତାରିଖରୁ ଫର୍ମ ପୂରଣ ଆରମ୍ଭ ହୋଇଛି । ନଭେମ୍ବର ୧୮ ଅର୍ଥାତ୍ ଆଜି ଫର୍ମ ପୂରଣର ଶେଷ ତାରିଖ ଥିଲା । ତେବେ ଏହାକୁ ବୋର୍ଡ ପକ୍ଷରୁ ବୃଦ୍ଧି କରାଯାଇଛି । ଆସନ୍ତା ଫେବ୍ରୁଆରୀ ୨୧ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ । ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଗଣିତ ପରୀକ୍ଷା ପାଇଁ ଅଧିକ ୧୫ ମିନିଟ ସମୟ ଦିଆଯିବ ।

## ଜାନୁଆରି ଶେଷ ସୁଦ୍ଧା ସରିବ ରତ୍ନଭଣ୍ଡାର ଗଣତିମଣତି: ଆଇନ ମନ୍ତ୍ରୀ

ଭୁବନେଶ୍ୱର: ରତ୍ନଭଣ୍ଡାର ଗଣତିମଣତି ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବଡ଼ ସୂଚନା ଦେଇଛନ୍ତି । ସେ କହିଛନ୍ତି, କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଭିଡ଼ ହେତୁ ଏଏସଆଇ ରତ୍ନଭଣ୍ଡାରର ମରାମତି କାମ କରିପାରିନଥିଲା । ହେଲେ ଏବେ ମରାମତି କାମ ଆରମ୍ଭ ହେବ । ଏନେଇ ଏଏସଆଇ ପକ୍ଷରୁ ପ୍ରସ୍ତୁତି ସରିଛି । ମୁଁ ଆଶା କରୁଛି, ଜାନୁଆରି ଶେଷ ସୁଦ୍ଧା ସରିବ ରତ୍ନଭଣ୍ଡାର ଗଣତିମଣତି । କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଭିଡ଼ ହେତୁ ଏଏସଆଇ ରତ୍ନଭଣ୍ଡାରର ମରାମତି କାମ କରିପାରିନଥିଲା । ହେଲେ ଏବେ ମରାମତି କାମ ଆରମ୍ଭ ହେବ । ଏନେଇ ଏଏସଆଇ ପକ୍ଷରୁ ପ୍ରସ୍ତୁତି ସରିଛି । ମୁଁ ଆଶା କରୁଛି, ଜାନୁଆରି ଶେଷ ସୁଦ୍ଧା ସରିବ



ରତ୍ନଭଣ୍ଡାର ଗଣତିମଣତି । ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ପାଇଁ ଏସଓପି ପ୍ରସ୍ତୁତ ସରିଥିଲା । ଏଏସଆଇ ମରାମତି କରି ସାର୍ଟିଫିକେଟ୍ ଦେବା ପରେ ଗଣତିମଣତି ହେବ । ମରାମତି ଏମିତି ହେବା ଦରକାର, ଯେମିତି ୧୦୦ ବର୍ଷ ପାଇଁ ଆବଶ୍ୟକ ପଡ଼ିବନି । ମରାମତିରେ ବ୍ରେକର ଲାଗି ପାରିବନି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏସଓପି ଗୋପନୀୟ । ଏଣୁ ଏହାକୁ ପ୍ରକାଶ କରାଯାଇ ପାରିବ ନାହିଁ । ଠାକୁରଙ୍କ ଯେତିକି ସମ୍ପତି ଅଛି, ତାହା ସୁରକ୍ଷିତ ରହିବା ଦରକାର ବୋଲି କୁହାଯାଇଥିଲା ।

## ଆଇଏଲଏସ ପକ୍ଷରୁ ନବରଙ୍ଗପୁରରେ ଜୈବ ପୁଷ୍ଟିଯୁକ୍ତ ମକା ଚାଷ ଉପରେ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର :ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନସେସ୍ (ବ୍ରିକ୍-ଆଇଏଲଏସ୍), ଭୁବନେଶ୍ୱର ପକ୍ଷରୁ ଆଜି ନବରଙ୍ଗପୁରରେ ଜୈବ ପୁଷ୍ଟିଯୁକ୍ତ ମକା ଚାଷ ଉପରେ ଏକ ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇସିଏଆର୍-ସିଆଇଏଫଏ, ଆଇସିଏଆର୍-ସିଟିସିଆରଆଇ ଏବଂ ଆଇସିଏଆର୍-ସିଇଏସ୍ ସହିତ ମିଶି ବ୍ରିକ୍-ଆଇଏଲଏସ୍ ଭାରତ ସରକାରଙ୍କ ଜୈବପ୍ରଯୁକ୍ତି ବିଭାଗ (ଡିବିଟି) ଦ୍ୱାରା ପ୍ରାୟୋଜିତ ବାୟୋଟେକ୍-କିଷାନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି । ପୂର୍ବ ଖରିଫ ଋତୁରେ, ବ୍ରିକ୍-ଆଇଏଲଏସ୍ ୩୦ ଏକର ଜମିରେ ଏଚକ୍ୟୁପିଏମ୍ ୫ ମକା ଚାଷ ଆରମ୍ଭ କରିଥିଲା, ଯେଉଁଥିରେ ପ୍ରୋଭିଟାମିନ୍ ଏ ଏବଂ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ପ୍ରଚୁର ମାତ୍ରାରେ ରହିଛି । କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର



କୃଷକମାନଙ୍କ ଠାରୁ ଅଧିକ ଚାହିଦା ଥିବାରୁ ଚଳିତ ରବି ଋତୁରେ ଏହି ଅଂଚଳକୁ ୧୦୦ ଏକରକୁ ସମ୍ପ୍ରସାରିତ କରାଯିବ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁରର ସାଂସଦ ଶ୍ରୀ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ଭତରା, କୋଟପାଡ଼ ବିଧାୟକ ରୂପୁ ଭତରା, ନବରଙ୍ଗପୁର ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ ସମେତ ଆଇଏଲଏସର ବରିଷ୍ଠ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।

## ନ୍ୟୁଜିଲାଣ୍ଡ ପେସ୍ ବୋଲର ଡଗ ବ୍ରେସୱେଲ ବାସନ୍ଦ

ହାମିଲଟନ: ନ୍ୟୁଜିଲାଣ୍ଡର ପୂର୍ବତନ ପେସ ବୋଲର ଡଗ ବ୍ରେସୱେଲ କୋକେନ ସେବନ କରିଥିବା ନେଇ ଏକ ମାସ ବାସନ୍ଦ ହୋଇଛନ୍ତି । ୩୪ ବର୍ଷୀୟ ଏହି ବୋଲର ଘରୋଇ ଟି୨୦ ମ୍ୟାଚରେ ସେଂଟ୍ରାଲ ଡିଷ୍ଟ୍ରିକ୍ଟ ପକ୍ଷରୁ ଖେଳୁଥିଲେ । ୱେଲିଂଟନ ବିପକ୍ଷ ମ୍ୟାଚ ପୂର୍ବରୁ ସେ ଏହି ନିଶାଦ୍ରବ୍ୟ ସେବନ କରିଥିବା ପ୍ରମାଣିତ ହୋଇଥିଲା । ଅବଶ୍ୟ ବ୍ରେସୱେଲ ୨ଟି ୱିକେଟ ନେବା ସହ ୧୧ ବଲରୁ ୩୦ ରନ କରିଥିଲେ । ଦି ସ୍ପୋର୍ଟ ଇଟିଂଗ୍ରିଟି କମିଶନ ବ୍ରେସୱେଲ କୋକେନ ସେବନ କରିଥିବା ସ୍ପଷ୍ଟ କରିଛନ୍ତି । ପ୍ରଥମେ ୩ ମାସ ବାସନ୍ଦ କରାଯାଇଥିଲେ ମଧ ପରେ ଏହାକୁ କମାଇ ୧ ମାସ କରାଯାଇଥିଲା । ବ୍ରେସୱେଲ ସମ୍ପୂର୍ଣ୍ଣ ଭାବେ ଭୁଲ କରୁଥିବାରୁ ନ୍ୟୁଜିଲାଣ୍ଡ କ୍ରିକେଟ କୌଣସି



ପ୍ରକାରର ସହଯୋଗ କରିବ ନାହିଁ ସ୍ପଷ୍ଟ କରିଦେଇଛି । ବ୍ରେସୱେଲ ପ୍ରଦର୍ଶନ ଅପେକ୍ଷା ଅଧିକାଂଶ ସମୟ ବିବାଦରେ ରହିଥାନ୍ତି । ୨୦୧୦ ଓ ୨୦୧୭ରେ ମଦ୍ୟପାନ କରି ଡ୍ରାଇଭିଂ କରିବା ନେଇ ସେ ଦଣ୍ଡିତ ହୋଇଥିଲେ । ସେ ନ୍ୟୁଜିଲାଣ୍ଡ ପକ୍ଷରୁ ୨୮ ଟେଷ୍ଟ, ୨୧ ଦିନିକିଆ ଓ ୨୦ଟି ଟି୨୦ ମ୍ୟାଚ ଖେଳିଛନ୍ତି । ସେ ୨୦୧୧ରେ ଆନ୍ତର୍ଜାତୀୟ ପଦାର୍ପଣ କରିଥିଲେ ।

## ପର୍ଥ ଟେଷ୍ଟରୁ ରୋହିତଙ୍କ ପରେ ଗିଲ୍ ବାଦ୍, ନେତୃତ୍ୱ ନେବେ ଯଶପ୍ରୀତ୍ ବୁମ୍‌ରା

ପର୍ଥ : ପର୍ଥରେ ଖେଳାଯିବାକୁ ଥିବା ବର୍ଡର- ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟରେ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଭାରତୀୟ ଦଳର ନେତୃତ୍ୱ ନେବେ । ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ସେ ଏହି ଗୁରୁଦାୟିତ୍ୱ ବହନ କରିବେ । ବୁମ୍‌ରା ପୂର୍ବରୁ ୨୦୨୨ରେ ଇଂଲଣ୍ଡ ବିପକ୍ଷରେ ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ । ପ୍ରଥମ ଟେଷ୍ଟରୁ ଟପ୍‌ଅର୍ଡର ବ୍ୟାଟର ଶୁବମାନ ଗିଲ୍ ବାଦ୍ ପଡ଼ିଛନ୍ତି । ଶନିବାର ପ୍ରାକ୍ଟିସ ମ୍ୟାଚ୍ ଖେଳିବା ବେଳେ ସେ ଆହତ ହୋଇଥିଲେ । ସ୍ଲିପ୍‌ରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ ଆଙ୍ଗୁଠିରେ ବଲ ବାଜିଥିଲା । ଫ୍ରାକ୍‌ଚର ହୋଇଥିବାରୁ ସେ ପ୍ରଥମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି । ସେହିପରି ଦ୍ୱିତୀୟଥର ପାଇଁ ପିତା ହେବାର ସୌଭାଗ୍ୟ ଲାଭ କରିଥିବା ଅଧିନାୟକ ରୋହିତ ଶର୍ମା ମଧ ପ୍ରଥମ ଟେଷ୍ଟ ଖେଳିବେ ନାହିଁ । ଫଳରେ ବୁମ୍‌ରା ଏହି ମ୍ୟାଚ୍‌ରେ ଅଧିନାୟକ ଦାୟିତ୍ୱ ତୁଲାଇବେ । ସେହିପରି ୱିକେଟରକ୍ଷକ



ବ୍ୟାଟର ଲୋକେଶ ରାହୁଲ ଇନିଂସ ଓପନ୍ କରିବେ । ରାହୁଲ ଇତିମଧ୍ୟରେ ପର୍ଥର ୱାକା ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଛନ୍ତି । ଶୁକ୍ରବାର ପ୍ରାକ୍ଟିସ ମ୍ୟାଚ୍ ଖେଳୁଥିବା ବେଳେ ରାହୁଲଙ୍କ ଡାହାଣହାତ କହୁଣୀରେ ବଲ୍ ବାଜିଥିଲା । ସେହିପରି ଫାଷ୍ଟ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ପର୍ଥରେ ଟେଷ୍ଟ ପଦାର୍ପଣ କରିବାର ସମ୍ଭାବନା ସୃଷ୍ଟି ହୋଇଛି । ଚତୁର୍ଥ ଦ୍ରୁତ ବୋଲର ଭାବେ ତାଙ୍କୁ ସୁଯୋଗ ମିଳିପାରେ । ଭାରତୀୟ ଦଳରେ ଆକାଶଦୀପ, ହର୍ଷିତ ରାଣା ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଭଳି ଦ୍ରୁତ ବୋଲର ରହିଛନ୍ତି । ପର୍ଥରେ ୨୨ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ବର୍ଡର- ଗାଭାସ୍କର ଟ୍ରଫିରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ । ୩୬ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- **Dulal Mishra**, ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**